আଜି - ଶନିବାର
ତାରିଖ - ୨୭ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୧୩
ତିଥି - ତ୍ରୟୋଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଅନୁରାଧା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୪: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭଲଗୁଣ ଅଛି, ତାକୁ ନିଜ ଭିତରକୁ ଆଣ ଏବଂ ନିଜ ଢଙ୍ଗରେ ତାକୁ ଗ୍ରହଣ କରିନିଅ; ଅନ୍ୟମାନଙ୍କ ଭଳି ହୁଅନାହିଁ ।"
- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 41 ISSUE- 74 R.N.I. REGD. No. 44026/86 ବାଲେଶ୍ୱର ୨୭ ଜୁନ୍ ୨୦୨୬ ଶନିବାର BALASORE 27 JUNE 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର : ଜନ୍ମଦିନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଶୁଭେଚ୍ଛା । ୫୭ ବର୍ଷରେ ପାଦ ଥାପିଲେ ଧର୍ମେନ୍ଦ୍ର ପ୍ରଧାନ । ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ପିଏମ୍ ମୋଦି ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରଛନ୍ତି । ଏହା ସହିତ ଜାତୀୟ ଶିକ୍ଷା ନୀତିର ସଫଳ କାର୍ଯ୍ୟକାରିତା ଦିଗରେ ଧର୍ମେନ୍ଦ୍ରଙ୍କୁ ପ୍ରଶଂସା କରିଛନ୍ତି । ତାଙ୍କ ପ୍ରୟାସ ଭାରତକୁ ଜ୍ଞାନ, ଶିକ୍ଷା ଓ ନବସୃଜନର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେଉଛି ବୋଲି ପୋଷ୍ଟ କରି ଲେଖିଛନ୍ତି । ସେପଟେ କେନ୍ଦ୍ରମନ୍ତ୍ରୀ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ସମଲେଶ୍ୱରୀଙ୍କ ନିକଟରେ ନିରୋଗ ଏବଂ ଦୀର୍ଘାୟୁ କାମନା କରିଛନ୍ତି । ଜନସେବା ପାଇଁ ଭଗବାନ ତାଙ୍କୁ ଅସୀମ ଶକ୍ତି ପ୍ରଦାନ କରନ୍ତୁ ବୋଲି ଏକ୍ସ ପୋଷ୍ଟ କରି ଲେଖିଛନ୍ତି । ସୌରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର





ପ୍ରଧାନଙ୍କୁ ଏକ୍ସରେ ପୋଷ୍ଟ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ୧୯୬୯ ମସିହା ଜୁନ ୨୬ ତାରିଖରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ । ଅନୁଗୋଳ ଜିଲ୍ଲା ତାଳଚେର ସହର ନିକଟସ୍ଥ ହାଣ୍ଡିଧୁଆରେ ସେ ଜନ୍ମଗ୍ରହଣ କରନ୍ତି । କଲେଜ ପାଠପଢା ସମୟରୁ ଆରମ୍ଭ ହୁଏ ତାଙ୍କର ରାଜନୈତିକ କ୍ୟାରିୟର । ୧୯୮୩ ମସିହାରେ ଇଇଠଚରେ ପାଦ ରଖନ୍ତି । ୧୯୮୫ରେ କଲେଜ ନିର୍ବାଚନରେ ଛିଡ଼ା ହୋଇ ତାଳଚେର କଲେଜ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୁଅନ୍ତି ଏବଂ ପ୍ରମାଣିତ କରନ୍ତି ଯେ ତାଙ୍କ ନିକଟରେ ପ୍ରଖର ନେତୃତ୍ୱର କ୍ଷମତା ରହିଛି । ଏହାପରେ ଆଗେଇ ଆସନ୍ତି ଜନସେବା କରିବାକୁ । ୨୦୦୦ ମସିହାରେ ସେ ପାଲଲହଡା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୁଅନ୍ତି । ପରେ ୨୦୦୪ରେ ଦେବଗଡ଼ ସଂସଦୀୟ କ୍ଷେତ୍ରରୁ ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଏହା ସହିତ ୨୦୦୪ରୁ ୨୦୦୬ ଯାଏଁ ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ପରେ ପରେ ବିହାର, ଉତରାଖଣ୍ଡ, ଛତିଶଗଡ଼, କର୍ଣ୍ଣାଟକ ଭଳି ରାଜ୍ୟର ପ୍ରଭାରୀ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇ ରାଷ୍ଟ୍ରୀୟ ନେତୃତ୍ୱଙ୍କ ପାଇଁ ଏକ ଭରସାଯୋଗ୍ୟ ଓ ଦୁର୍ଦ୍ଦଶ ସେନାନୀ ପାଲଟନ୍ତି ଧର୍ମେନ୍ଦ୍ର ପ୍ରଧାନ । ସେହିପରି ୨୦୧୦ ମସିହାରେ ଭାରତୀୟ ଜନତା ପାର୍ଟିର ସର୍ବଭାରତୀୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳେ । କେବଳ ଏତିକି ନୁହେଁ, ରାଜ୍ୟସଭାରେ ଦୁଇ ଥର ସାଂସଦ ଭାବରେ ପ୍ରତିନିଧିତ୍ୱ କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ୨୦୧୨ରେ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ଥର ବିହାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମ ସରକାରରେ ସେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷରୁ ଅଧିକ ସମୟ ପେଟ୍ରୋଲିୟମ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହା ପରେ ୨୦୧୮ରେ ଉତର ପ୍ରଦେଶରୁ ଦ୍ୱିତୀୟ ଥର ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ଇସ୍ପାତ ମନ୍ତ୍ରଣାଳୟର ମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୨୧ରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବେ ସେ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରି ଦେଶର ଭବିଷ୍ୟତ ଗଢ଼ିବା ପାଇଁ ଅହରହ ଚେଷ୍ଟା କରିଚାଲିଛନ୍ତି । ୨୦୨୪ରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିପୁଳ ଜନମତ ସହ ବିଜୟୀ ହୋଇ ପୁଣି ଥରେ ଓଡ଼ିଶାର ଗୌରବକୁ ଜାତୀୟ ସ୍ତରରେ ପହଂଚାଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ ।

## ଗୋ-ଇଷ୍ଟ ପ୍ଲାଟଫର୍ମକୁ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

### ଆଗାମୀ ୫ ବର୍ଷରେ ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ହେବ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟ




ଭୁବନେଶ୍ୱର: ପୂର୍ବ ଓ ପୂର୍ବୋତର ରାଜ୍ୟରୁ ନିବେଶ ହାସଲ କରିବା ତଥା ରାଜ୍ୟର ପଛୁଆ ଓ ସୀମାବର୍ତୀ ଜିଲ୍ଲାଗୁଡ଼ିକରେ ଶିଳ୍ପାୟନର ନୂଆ ଯୁଗ ଆରମ୍ଭ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର 'ଗୋ-ଇଷ୍ଟ' ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଛନ୍ତି । ସିଆଇଆଇ ପୂର୍ବାଂଚଳ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ଲାଟ୍‌ଫର୍ମକୁ ଉନ୍ମୋଚନ କରିଛନ୍ତି । 'ଓଡ଼ିଶା ସରକାର: ଇଷ୍ଟର୍ଣ୍ଣ ଇନ୍‌ଭେଷ୍ଟମେଂଟ୍ ଆସେଲରେଟର ଆଣ୍ଡ୍ ସ୍ପେସିଆଲ୍ ଟାସ୍କ ଫୋର୍ସ' (ଗୋ-ଇଷ୍ଟ) ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ । ତାହା ସବୁ ନିବେଶ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବ । ଇକିପଲ୍‌ରେ ଏକ ସ୍ୱତନ୍ତ୍ର 'ଗୋ-ଇଷ୍ଟ ପ୍ରକୋଷ୍ଠ' ମଧ୍ୟ ଗଠନ କରାଯିବ । ନିବେଶ ପ୍ରକ୍ରିୟା ଓ ମଞ୍ଜୁରି ସ୍ଥିତିର ବାସ୍ତବ ସ୍ଥିତି ନିରୀକ୍ଷଣ ଓ ଟ୍ରାକିଂ ପାଇଁ ସ୍ୱତନ୍ତ୍ର 'ଗୋ-ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ସୀମାବର୍ତୀ ଜିଲ୍ଲାଗୁଡ଼ିକରେ ସର୍ବାଧିକ ପୁଞ୍ଜିନିବେଶ ହେବ ଓ ସେଠାରେ ନୂଆ ଶିଳ୍ପ ବିକାଶ କେନ୍ଦ୍ର ଗଢ଼ି ଉଠିବ । ଆଗାମୀ ପାଂଚ ବର୍ଷରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଶିଳ୍ପ ନୀତି ୨୦୨୨ରେ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଉପରେ ଆଲୋକପାତ କରି ସେ କହିଥିଲେ ଯେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ରାଜ୍ୟର ୧୫ଟି ଜିଲ୍ଲାକୁ ଅଗ୍ରାଧିକାର ଶ୍ରେଣୀ (ଥ୍ରଷ୍ଟ ସେକ୍ଟର)ରେ ସାମିଲ କରାଯିବ । ସେଠାରେ ଅଣ ଖଣିଜ ଭିତିକ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯିବ । ସେ କହିଲେ, ପୂର୍ବରୁ ଶିଳ୍ପ ପ୍ରତିଷ୍ଠା କରିବାକୁ ୪୦୦ ଦିନ ସମୟ ଲାଗୁଥିଲା । ତାହା ଏବେ ୧୬୦ ଦିନକୁ ହ୍ରାସ ପାଇଛି । ଆଗକୁ ତାହାକୁ ୧୦୦ ଦିନ ପର୍ଯ୍ୟନ୍ତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୦୨୪ ଜୁନ ପରଠାରୁ ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ । ଏଥିମଧ୍ୟରୁ ୩.୧୧ ଲକ୍ଷ କୋଟିରୁ ଅଧିକ ନିବେଶ ସହିତ ୧୨ଟି ପ୍ରୋଜେକ୍ଟର ଗ୍ରାଉଣ୍ଡିଂ ସରି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ପର୍ଯ୍ୟାୟରେ ପହଂଚିଛି । ଓଡ଼ିଶା ଏବେ କେବଳ ଖଣିଜ-ଭିତିକ ଅର୍ଥନୀତିରେ ସୀମିତ ନ ରହି ଷ୍ଟିଲ୍, ଆଲୁମିନିୟମ, କେମିକାଲ୍ସ, ପେଟ୍ରୋକେମିକାଲ୍ସ ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଗୁରୁତ୍ୱାରୋପ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବଶକ୍ତିଙ୍କୁ ଆଧୁନିକ ଜ୍ଞାନକୌଶଳ ଦକ୍ଷତା ପ୍ରଦାନ କରିବା ଉପରେ ସରକାର କାର୍ଯ୍ୟ କରୁଥିବା ସେ କହିଥିଲେ ।

## ଅଳ୍ପରେ ଖବର

» ପୁରୀରେ ପହଂଚିଲା ବାସୁଙ୍ଗା ପାଟ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଗୁପ୍ତନୀତିରେ ଲାଗେ ଏହି ପାଟ । ଭୁବନେଶ୍ୱର ଶହୀଦ ନଗରସ୍ଥିତ ଓଡିଶା ସମବାୟ ଟସର ଓ ରେଶମ ମହାସଂଘ କାର୍ଯ୍ୟାଳୟ ପରିସରରୁ ୩୮୦ କିଲୋଗ୍ରାମର ବାସୁଙ୍ଗା ପାଟ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ପଠାଯାଇଛିଛି ।

» ବିଶିଷ୍ଟ ସାମ୍ବାଦିକ ଶରତ ଚନ୍ଦ୍ର ଦାଶଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ବିଶିଷ୍ଟ ସାମ୍ବାଦିକ ତଥା ପିଟିଆଇର ଓଡ଼ିଶା ବ୍ୟୁରୋର ପୂର୍ବତନ ମୁଖ୍ୟ ଶରତ ଚନ୍ଦ୍ର ଦାଶଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ ।

» ତୁର୍କୀ ଠାରେ ଆୟୋଜିତ 'ୱାର୍ଲଡ ଏବିଲିଟି ସ୍ପୋର୍ଟସ୍ ୟୁଥ୍ ଗେମ୍ସ- ୨୦୨୬'ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ଆମ କଳାହାଣ୍ଡିର ପାରା ବ୍ୟାଡ୍‌ମିଂଟନ୍ ଖେଳାଳି ଆକାଶ ରଞ୍ଜନ ମୁଣ୍ଡ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ।

» ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଶୁକ୍ରବାର ଦିନ ଲୋଇସିଂହା ବ୍ଲକ, ତଲିଉଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଟାଙ୍ଗରପାଲି ଠାରେ ନବନିର୍ମିତ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଛନ୍ତି ।

## ଏନସିଓଆରଡିର ୧୦ମ ଶୀର୍ଷସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ନାର୍କୋ- କୋଅର୍ଡିନେସନ ସେଂଟର (ଏନସିଓଆରଡି)ର ୧୦ମ ଶୀର୍ଷ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଗୃହମନ୍ତ୍ରୀ 'ମାଦକ ଦ୍ରବ୍ୟ ନିୟନ୍ତ୍ରଣ ଭିଜନ ଡକ୍ୟୁମେଂଟ (୨୦୨୬-୨୦୨୯)' ଏବଂ 'ଏନସିବିର ବାର୍ଷିକ ରିପୋର୍ଟ-୨୦୨୫' ଉନ୍ମୋଚନ କରିବା ସହ ଜାମ୍ମୁ ଓ ଗୌହାଟୀରେ ଏନସିବି ଆଂଚଳିକ କାର୍ଯ୍ୟାଳୟଗୁଡ଼ିକୁ ଇ-ଉଦଘାଟନ କରିଛନ୍ତି । ଶ୍ରୀ ଶାହ ୨,୦୯,୫୦୦ କିଲୋଗ୍ରାମ ଓଜନର ଏବଂ ୬,୦୦୦ କୋଟି ଟଙ୍କା ମୂଲ୍ୟର ମାଦକ ଦ୍ରବ୍ୟ ନଷ୍ଟ କରିବା ପାଇଁ 'ଅନଲାଇନ ଡ୍ରଗ୍ସ ନଷ୍ଟ ପକ୍ଷ ପାଳନ ଅଭିଯାନ'ର ମଧ୍ୟ ଶୁଭାରମ୍ଭ କରିଛନ୍ତି । ନିଜ ସମ୍ବୋଧନରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଆଜି ଆମ ଦେଶ ମାଦକ ଦ୍ରବ୍ୟ ବିରୋଧରେ ଲଢ଼େଇର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଛିଡ଼ା ହୋଇଛି, ଯେଉଁଠାରେ ଆସନ୍ତା ତିନି ବର୍ଷ ସ୍ଥିର କରିବ ଯେ ନିଶା ଆମକୁ ପରାସ୍ତ କରିବ ନା ଆମେ ନିଶାକୁ ପରାସ୍ତ କରିବୁ । ସେ କହିଛନ୍ତି ଯେ ଆସନ୍ତା ୧୦୦ ବର୍ଷ ପାଇଁ ଦେଶର ଭବିଷ୍ୟତ ପାଇଁ ଆମକୁ ଦୃଢ଼ ସଂକଳ୍ପ ଏବଂ ମିଳିତ ପ୍ରୟାସରେ ଏହି ଯୁଦ୍ଧ ଜିତିବାକୁ ହେବ । ଏହି ଲଢ଼େଇ କୌଣସି ଗୋଟିଏ ବିଭାଗ, ରାଜ୍ୟ, ସରକାର କିମ୍ବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଲଢ଼ାଯାଇପାରିବ ନାହିଁ । ବରଂ ସମସ୍ତ ରାଜ୍ୟ ଏବଂ ସେମାନଙ୍କର ସମ୍ପୃକ୍ତ ବିଭାଗଗୁଡ଼ିକୁ ଏକାଠି ଏକ ମଂଚକୁ ଆସିବାକୁ ହେବ । ଏହି ଲଢ଼େଇରେ ଆମକୁ ଜନସାଧାରଣଙ୍କୁ ଅନୁପ୍ରାଣିତ କରୁଥିବା ଲୋକଙ୍କୁ, ଦେଶର ଭବିଷ୍ୟତ ଗଢ଼ିବାକୁ ଥିବା ଯୁବପିଢ଼ିଙ୍କୁ ଏବଂ ଆମର ମାତୃଶକ୍ତିକୁ ମଧ୍ୟ ସାମିଲ କରିବାକୁ ହେବ । କେବଳ ସେତିକିବେଳେ ହିଁ ଆମେ ଏହି ଯୁଦ୍ଧରେ ସମ୍ପୂର୍ଣ୍ଣ ସଫଳତା ପାଇପାରିବା । ଶ୍ରୀ ଶାହ ଗୁରୁତ୍ୱାରୋପ କରି କହିଛନ୍ତି ଯେ ମାଦକ ଦ୍ରବ୍ୟ ସମସ୍ୟା କେବଳ ଆଇନ ଶୃଙ୍ଖଳା କିମ୍ବା ଜନସ୍ୱାସ୍ଥ୍ୟର ବିଷୟ ନୁହେଁ । ଏହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ସାମାଜିକ ସ୍ଥିରତା, ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା ଏବଂ ଆମ ଯୁବପିଢ଼ିଙ୍କ ଭବିଷ୍ୟତ ଏବଂ ସେମାନଙ୍କ ମାଧ୍ୟମରେ ଦେଶର ଭବିଷ୍ୟତ ସହ ଗଭୀର ଭାବେ ଜଡ଼ିତ । ଏହି ସମସ୍ୟା ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କରିବା ଭାରତର ସମସ୍ତ ରାଜ୍ୟ ପାଇଁ ଏକ ମିଳିତ ଜାତୀୟ ଲକ୍ଷ୍ୟ ହେବା ଉଚିତ ।



## ଦୁର୍ବଳ ମୌସୁମୀର ମୁକାବିଲା ପ୍ରସ୍ତୁତି ଉପରେ ସମୀକ୍ଷା କଲେ କେନ୍ଦ୍ର କୃଷିମନ୍ତ୍ରୀ

ନୂଆଦିଲ୍ଲୀ : ମୌସୁମୀ ଋତୁରେ ଜୁନ୍ ୨୩ ସୁଦ୍ଧା ଭାରତରେ ୪୨% କମ୍ ବର୍ଷା ଏବଂ ଏଲ୍ନିନୋ ପ୍ରଭାବକୁ ଦୃଷ୍ଟିରେ ରଖି ସରକାର ତତ୍ପର ହୋଇଛନ୍ତି । ଖରିଫ୍ ଫସଲକୁ ବଂଚାଇବା ପାଇଁ ଆପାତକାଳୀନ ଉପାୟ ଉପରେ ବିଚାର କରୁଛନ୍ତି । କମ୍ ବର୍ଷା ଏବଂ ଜଳସେଚନ ଅଭାବଯୁକ୍ତ ୩୧୫ ଜିଲ୍ଲାର ଚିହ୍ନଟ କରିଛନ୍ତି, ଯେଉଁ ଅଂଚଳରେ ମରୁଡ଼ି ସମ୍ଭାବନା ରହିଛି । ଏଥିମଧ୍ୟରୁ ଅଧିକାଂଶ ଜିଲ୍ଲା ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଉତର ପ୍ରଦେଶ ଏବଂ ଓଡ଼ିଶା ଆଦି ରାଜ୍ୟରେ ରହିଛି । ଜିଲ୍ଲା ହିସାବରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । କୃଷିମନ୍ତ୍ରୀ ଶୀବରାଜ ସିଂହ ଚୌହାନ ମଙ୍ଗଳବାର ଦୁର୍ବଳ ମୌସୁମୀର ମୁକାବିଲା ଦିଗରେ ଦେଶର ପ୍ରସ୍ତୁତି ଉପରେ ସମୀକ୍ଷା କରିଥିଲେ । ସେ ଫସଲ ଉତ୍ପାଦନ ଉପରେ ପ୍ରଭାବ କମ୍ କରିବା ପାଇଁ ଜଳ ସଂରକ୍ଷଣ, ଫସଲ ବିବିଧକରଣ ଏବଂ ବୈଜ୍ଞାନିକ ଉପାୟରେ ଚାଷକାର୍ଯ୍ୟ ଉପରେ ଜୋର ଦେଇଛନ୍ତି । ସରକାର ୨୦୨୬ ଖରିଫ ଋତୁ ପାଇଁ ଶସ୍ୟ ଉତ୍ପାଦନ ଲକ୍ଷ ପାଖାପାଖି ୧୭.୬ କୋଟି ଟନ୍ ଧାର୍ଯ୍ୟ କରିଛନ୍ତି । ଏହା ପୂର୍ବବର୍ଷ ଅମଳ ଋତୁର ଉତ୍ପାଦନ ସହ ସମାନ । ଏଯାବତ କମ୍ ବର୍ଷା ସତ୍ତ୍ୱେ ଜୁନ୍ ୨୨ ସୁଦ୍ଧା ୧.୧୯ କୋଟି ହେକ୍ଟର ଜମିରେ ଫସଲ ବୁଣାଯାଇସାରିଛି । ପୂର୍ବବର୍ଷ ସମାନ ସମୟରେ ଏହା ଥିଲା ୧.୧୭ କୋଟି ହେକ୍ଟର । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସୋୟାବିନ ଚାଷ ସାମାନ୍ୟ ପଛୁଆ ରହୁଛି । କୃଷି ମନ୍ତ୍ରାଳୟ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ମିଳିତ ହୋଇ ବର୍ଷା ପାଟର୍ଣ୍ଣ, ଜଳସେଚନ ସୁବିଧା ଏବଂ ସ୍ଥାନୀୟ ମୌସୁମୀ ସ୍ଥିତିର ବୈଜ୍ଞାନିକ ତଥ୍ୟ ବ୍ୟବହାର କରି କମ୍ ବର୍ଷା ସମ୍ଭାବନା ଥିବା ଜିଲ୍ଲାଗୁଡ଼ିକୁ ଚିହ୍ନଟ କରିଛନ୍ତି । ଚିହ୍ନଟ ହୋଇଥିବା ୩୧୫ ଜିଲ୍ଲା ମଧ୍ୟରୁ ୧୧୧କୁ ଉଚ୍ଚ ପ୍ରାଥମିକତାଯୁକ୍ତ ବର୍ଗରେ ରଖାଯାଇଛି, ଯେଉଁଠାରେ ଜଳସେଚନ ସୁବିଧା ୨୫%ରୁ କମ ରହିଛି । ୭୬ ଜିଲ୍ଲା 'ମଧ୍ୟମ ପ୍ରାଥମିକତା' ବର୍ଗରେ ଅଛନ୍ତି, ଯେଉଁଠାରେ ଜଳସେଚନ ସୁବିଧା ୨୫-୫୦% ମଧ୍ୟରେ ରହିଛି ।



## ବଲାଙ୍ଗୀର ଜିଲ୍ଲାସ୍ତରୀୟ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ବଲାଙ୍ଗିର : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ବଲାଙ୍ଗିର ଜିଲ୍ଲାର ଲୋଇସିଂହା ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ କରିବା ସହ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ଯୋଗଥିଲେ । ମନ୍ତ୍ରୀ ଡା. ମହାଲିଙ୍ଗ ଲୋଇସିଂହା ବ୍ଲକର ତଲିଉଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଟାଙ୍ଗରପାଲି ଠାରେ ଏକ ନବନିର୍ମିତ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦ୍ଘାଟନ କରିଛନ୍ତି । ଏହି ଗୋଷ୍ଠୀ କେନ୍ଦ୍ରଟି ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ସାମାଜିକ କାର୍ଯ୍ୟକ୍ରମ, ପର୍ବପର୍ବାଣୀ ଏବଂ ଗୁରୁତ୍ୱପୂର୍ଣ୍ଣ ସଭାସମିତି ଆୟୋଜନ ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିବ । ଏହି କେନ୍ଦ୍ର ଅଂଚଳବାସୀଙ୍କ ମଧ୍ୟରେ ଏକତା ଓ ସାମାଜିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଗ୍ରାମାଂଚଳରେ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡାଠାରେ ଏକ ସୋଲାର ପମ୍ପର ଉଦ୍ଘାଟନ କରିଛନ୍ତି ମନ୍ତ୍ରୀ । ସେ ଗ୍ରାମବାସୀଙ୍କ ଗହଣରେ ଉପସ୍ଥିତ ରହି ସେମାନଙ୍କ ଖୁସିରେ ସାମିଲ ହୋଇଥିଲେ । ଏହି ସୋଲାର ପମ୍ପ ଦ୍ୱାରା ଗ୍ରାମରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ହେବା ସହ ଦୈନନ୍ଦିନ ଆବଶ୍ୟକତା ପୂରଣ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି । ସେହିପରି ଏକ ପ୍ରମୁଖ ଜନକଲ୍ୟାଣକାରୀ ପଦକ୍ଷେପ ସ୍ୱରୂପ, ଲୋଇସିଂହା ବ୍ଲକ ଅନ୍ତର୍ଗତ ସିଂହାଣିମୁଣ୍ଡାଠାରେ 'ବସୁନ୍ଧରା ଯୋଜନା' ମାଧ୍ୟମରେ ଅଂଚଳର ୯୯ ଜଣ ଭୂମିହୀନ ହିତାଧିକାରୀଙ୍କୁ ସ୍ଥାୟୀ ଜମି ପଟ୍ଟା ବଂଟନ କରିଛନ୍ତି ମନ୍ତ୍ରୀ । ଏହି ଅବସରରେ ସେ କହିଥିଲେ ଯେ; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମସ୍ତ ଭୂମିହୀନଙ୍କୁ ୪ ଡିସିମିଲ ଜମି ପ୍ରଦାନ କରି ସାମାଜିକ ସୁରକ୍ଷା ଦେବା ଆମର ପ୍ରମୁଖ ଲକ୍ଷ୍ୟ । ଦୀର୍ଘ ଦିନର ପ୍ରତୀକ୍ଷା ପରେ ନିଜ ନାମରେ ଜମି ପଟ୍ଟା ପାଇ ଗ୍ରାମର ଅସହାୟ ଓ ଗରିବ ଶ୍ରେଣୀର ଲୋକଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା ।



## ପୁରୀରେ ସ୍ନାନପୂର୍ଣ୍ଣିମା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଟ୍ରାଫିକ୍ ବ୍ୟବସ୍ଥା

ପୁରୀ: ଆଉ ଦୁଇ ଦିନ ପରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନପୂର୍ଣ୍ଣିମା । ସ୍ନାନଯାତ୍ରାରେ ରତ୍ନସିଂହାସନ ଛାଡ଼ି ସ୍ନାନ ମଣ୍ଡପକୁ ଧାଡ଼ି ପହଣ୍ଡିରେ ଆସିବେ ଚତୁର୍ଦ୍ଧା ବିଗ୍ରହ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରୁଖୁରୁରେ ନୀତି ସମ୍ପାଦନ, ଜଳ ଲାଗି ଓ ହାତୀ ବେଶକୁ ଅକ୍ଷୁଣ୍ଣ ରଖିବା ପାଇଁ ଗୁରୁତ୍ୱ ଦିଆଯାଉଥିବାବେଳେ, ଏହି ସମୟରେ ଜନସମାଗମକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ଟ୍ରାଫିକ୍? ବ୍ୟବସ୍ଥା କରାଯାଇଛି । ପୋଲିସ ପକ୍ଷରୁ ଜାରି କରାଯାଇଥିବା ସୂଚନାନୁସାରେ, ଦୁଇ ଚକିଆ ଯାନ ନିମନ୍ତେ, ଭୁବନେଶ୍ୱର ପାର୍ଶ୍ୱର କମ୍ବା ବ୍ରହ୍ମଗିରି ପାର୍ଶ୍ୱରୁ କିମ୍ବା କୋଣାର୍କ ପାର୍ଶ୍ୱରୁ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ମାର୍କେଟ ଛକ ପର୍ଯ୍ୟନ୍ତ ଅନୁମତି ପ୍ରଦାନ କରାଯାଇଛି । ଏଥିପାଇଁ ମାର୍କେଟ୍? କମ୍ପ୍ଲେକ୍ସ ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ଏହା ସହ ପୁରୁଣା ଜଗନ୍ନାଥ ବଲ୍ଲଭ ଠାରେ ପାର୍କିଂ ମଧ୍ୟ କରିପାରିବେ । ଫେରିବା ସମୟରେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିଥିଲେ ନରେନ୍ଦ୍ର କୋଣରୁ ଜଟିଆ ବାବା ଛକ ଦେଇ ଫେରିବେ । ସେହିପରି ମ୍ୟୁନସିପାଲିଟି ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ କରିଥିଲେ ମେଡିକାଲ ଛକ ଦେଇ ଫେରିବେ । ଯାତ୍ରୀ ଦୁଇ ଚକିଆରେ ସମୁଦ୍ର କୂଳକୁ ଆସୁଥିଲେ ଭିଆଇପି ରୋଡ୍ ଦେଇ ଦିଗବାରିଣିରେ ପାର୍କିଂ କରିବେ । ହାଲୁକା ଯାନ ନେଇ ଭୁବନେଶ୍ୱର ପଟୁ ପୁରୀ ଯାଉଥିଲେ, ସାକ୍ଷୀଗୋପାଳ- ମାଳତିପାଟପୁର- ବାଟଗାଁ-ଶ୍ରୀସେତୁ ଦେଇ ନ୍ୟୁ ଜେବିପିସିରେ ପାର୍କିଂ କରିବେ । ନ୍ୟୁ ଜେବିପିସି ପାର୍କିଂ ଫୁଲ୍ ଥିଲେ ଜେଲ୍ ରୋଡରେ ପାର୍କିଂ କରିବେ । ଜେଲ୍ ରୋଡ୍ ପାର୍କିଂ ଫୁଲ୍ ଥିଲେ ମେଡିକାଲ ଛକ-ବଡଶଙ୍ଖ ଦେଇ ଶରଧା ବାଲି ନିକଟରେ ପାର୍କିଂ କରି ପାରିବେ ଯାତ୍ରୀ । ଶରଧାବାଲି ପାର୍କିଂ ଫୁଲ୍ ଥିଲେ ଯାତ୍ରୀ ମେଡିକାଲ ଛକ-ଭିଆଇପି ରୋଡ ଦେଇ ବ୍ଲୁ ଫ୍ଲାଗ୍ ବିଚ୍ ପାର୍କିଂ ଏବଂ ହୋଟେଲ ନୀଳାଚଳ ଅଶୋକ ପାର୍କିଂରେ ଗାଡ଼ି ରଖି ପାରିବେ । ସବୁ ପାର୍କିଂ ଫୁଲ୍ ଥିଲେ ଯାତ୍ରୀ ମାଳତିପାଟପୁର-ଆରଓବି-ବାଇଦାସ ନଗର- ଗ୍ରୀଡ ଷ୍ଟେସନ-ଭୂଦାନ ଛକ ଦେଇ ତାଳବଣିଆ ପାର୍କିଂରେ ଗାଡ଼ି ରଖିବେ । ଯାତ୍ରୀ ବ୍ରହ୍ମଗିରି ପଟୁ ଆସୁଥିଲେ ଶ୍ରୀସେତୁ ଦେଇ ନ୍ୟୁ ଜେବିପିସି ପାର୍କିଂରେ ଗାଡ଼ି ରଖିବେ । ଏହାସହ ଯାତ୍ରୀ ମଙ୍ଗଳା ଘାଟ ଛକ-ଷ୍ଟର୍ଲିଂ ଛକ ଦେଇ ଯାତ୍ରିକା ପାର୍କିଂରେ ଗାଡ଼ି ରଖି ପାରିବେ । ଯାତ୍ରୀମାନେ ହାଲୁକା ଯାନ ନେଇ ସମୁଦ୍ର କୂଳକୁ ଯାଉଥିଲେ ବାଟଗାଁ-ମଙ୍ଗଳା ଘାଟ-ଷ୍ଟର୍ଲିଂ ଛକ ଦେଇ ଯାତ୍ରିକା ପାର୍କିଂରେ ଗାଡ଼ି ରଖି ପାରିବେ । ଯାତ୍ରୀ କୋଣାର୍କ ପଟୁ ଆସୁଥିଲେ ବାଇଦାସ ନଗର- ଗ୍ରୀଡ ଷ୍ଟେସନ-ପେଣ୍ଠକଟା-ସିଟି ରୋଡ୍- ସୁବାସ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ ବିଚ୍ ପାର୍କିଂ ଓ ହୋଟେଲ ନୀଳାଚଳ ଅଶୋକ ପାର୍କିଂରେ ଗାଡ଼ି ରଖିବେ । ବ୍ଲୁ ଫ୍ଲାଗ୍ ବିଚ୍ ପାର୍କିଂ ଓ ହେଟେଲ ନୀଳାଚଳନ ଆଶୋକ ପାର୍କିଂ ଫୁଲ ହେଲେ ଯାତ୍ରୀ ଭୁଦାନ ଛକ ଦେଇ ତାଳବଣିଆ ପାର୍କିଂ-ଆଇଟିଆଇ ପାର୍କିଂରେ ଗାଡ଼ି ରଖିବେ ।



# ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦିନିକିଆ ବାଲେଶ୍ୱର ଗସ୍ତ

ବାଲେଶ୍ୱର(ନି.ପ୍ର.)ଆଜି ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି , ରାଜ୍ୟ ବିଜେପି ସମ୍ପାଦକ ସରୋଜ କର ଆସି ବାଲେଶ୍ୱର ସ୍ୱତନ୍ତ୍ର ସର୍କିଟ ହାଉସରେ ପହଂଚି ଥିଲେ । ସକାଳେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମ ସ୍ଥଳୀ ଶାନ୍ତି କାନନ ପରିସରରେ ପ୍ରଥମେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ,ପରେ ସେଠାରେ ସ୍ୱଚ୍ଛ ଭାରତ ଅଭିଯାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରି ପରିସରରକୁ ସଫେଇ କରିବା ସହ ଶାନ୍ତି କାନନକୁ ଆହୁରି ସୋନ୍ଦର୍ଯ୍ୟ କରିବା ପାଇଁ ମୂଲ୍ୟବାନ ଫଳନ୍ତି ବୃକ୍ଷ ଓ ପୁଷ୍ପ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମର ପରିସମାପ୍ତି ପରେ ବିଶେଷ ଗୃହ ସମ୍ପର୍କ ଅଭିଯାନରେ ବାଲେଶ୍ୱର ସଦର ଓ ରେମୁଣା ନିର୍ବାଚନ



ମଣ୍ଡଳୀ ଅନ୍ତର୍ଗତ କିଛି ବିଶେଷ ବ୍ୟକ୍ତି ବିଶେଷଙ୍କ ଘରକୁ ଯାଇ ରାଜ୍ୟ ସରକାରଙ୍କ ୨ବର୍ଷ ଓ କେନ୍ଦ୍ର ସରକାରଙ୍କ ୧୨ବର୍ଷର ସଫଳତା ବିଷୟରେ କହିଥିଲେ ଏବଂ ସେମାନଙ୍କର ମତାମତ ଦେଇଥିଲେ ।ଏହାପରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର କୋର୍ କମିଟି ବୈଠକରେ ପୌରହିତ୍ୟ କରି ଆଗାମୀ ପଂଚାୟତ ନିର୍ବାଚନ ଓ ସାଂଗଠନିକ ବିଷୟରେ ଆଲୋଚନା କରିଥିଲେ । ପରେ ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ଓ ଉତର ବାଲେଶ୍ୱରର ଜିଲ୍ଲା କମିଟି ସହ ପୃଥକ୍ ପୃଥକ୍ ଭାବେ ବୈଠକ କରିଥଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ରାଜ୍ୟ ସରକାରଙ୍କ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଲମ୍ବୋଦର ନାୟକ, ରାଜ୍ୟ ବିଜେପି ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର, ଇଂ ରବିନ୍ଦ୍ର ଜେନା ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ ପ୍ରମୁଖଙ୍କ ସମେତ ଶତାଧିକ ନେତା, ନେତ୍ରୀ ଓ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

# ବାଲେଶ୍ୱରରେ ସମ୍ବିଧାନ ହତ୍ୟା ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.)ଆଜକୁ ୫୧ ବର୍ଷ ତଳେ ଭାରତରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ବିଷୟକ କଳା ଅଧ୍ୟାୟକୁ ମନେ ପକାଇ ଆଜି ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ଠାରେ ଏକ ବିଶାଳ ବୁଦ୍ଧିଜୀବୀ ସମ୍ମୀଳନୀର ଆୟୋଜନ ଭାରତୀୟ ଜନତା ପାର୍ଟି ପକ୍ଷରୁ ହୋଇଯାଇଛି । ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜରୁରୀକାଳୀନ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ?ଅତିଥି ପରିଚୟ, ସମ୍ବର୍ଦ୍ଧନା ଓ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ?ଉଭୟ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ତାଙ୍କ ବ୍ୟକ୍ତବ୍ୟରେ ଇନ୍ଦିରା ଗାନ୍ଧୀଙ୍କ ସ୍ୱେଚ୍ଛାଚାରୀ ଶାସନ, କ୍ଷମତାଲୋଭୀ ମନୋଭାବ ଯୋଗୁଁ କୋଟି କୋଟି ଲୋକଙ୍କର ଗଣତାନ୍ତ୍ରିକ ଅଧିକାର ହନନ ହୋଇଥିଲା । ୧୯୭୫ ଜୁନ୍? ୧୨ ତାରିଖରେ



ଆହ୍ ?ହାବାଦ ହାଇକୋର୍ଟ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରି ଏକ ଐତିହାସିକ ରାୟ ଶୁଣାଇଥିଲେ । କୋର୍ଟ ତାଙ୍କୁ ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ଘୋଷଣା କରିଥିଲେ । ଏହି ଘଟଣା ଦେଶର ରାଜନୀତିରେ ଏକ ବଡ଼ ଝଡ଼ ସୃଷ୍ଟି କରିଥିଲା ଏବଂ ପରବର୍ତୀ ସମୟରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ଗଣତାନ୍ତ୍ରିକ ମୂଲ୍ୟବୋଧ, ସାମ୍ବିଧାନିକ ମର୍ଯ୍ୟାଦା, ନ୍ୟାୟାଳୟ ପ୍ରତି ସମ୍ମାନକୁ ଜଳାଞ୍ଜଳି ଦେଇ ଇନ୍ଦିରା ଗାନ୍ଧୀ ସମ୍ବିଧାନକୁ ହତ୍ୟା କରିଥିଲେ । ଯୁବପିଢି ଓ ଆଗାମୀ ପିଢ଼ିଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ଆମଦେଶ ଯେମିତି ଏଭଳି କଳାଦିନର ସମ୍ମୁଖୀନ ନହୁଏ ସେଥିପ୍ରତି ଆମ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ ? । ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ଯୋଜନା ବୋର୍ଡର ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା, ସଦର ବିଧାୟକ ମାନସ କୁମାର ଦତ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ଉପସଭାପତି ଶିପ୍ରା ବାଜପେୟୀ, ପୁର୍ବତନ ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ ସରୋଜ କର, ଜଳେଶ୍ୱର ବିଧାୟକ ବ୍ରଜମୋହନ ପ୍ରଧାନ, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର ମଂଚାସିନ ଥିଲେ, କାର୍ଯ୍ୟକ୍ରମର ସଂଯୋଜକ ଚନ୍ଦ୍ରଶେଖର ନନ୍ଦ ସଭା ପରିଚାଳନା କରୁଥିଲା ବେଳେ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଅତିଥି ପରିଚୟ କରାଇଥିଲେ । ଶେଷରେ ଜାତୀୟ ସଂଗୀତ ଗାନ ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା ।

# ସମ୍ବାଦ ପରିବେଷଣ ସହ ସେବା ଓ ସଚେତନତା ସାମ୍ବାଦିକ ବ୍ରତ ହେଉ: ମନୋଜ ନାୟକ

ବାଲେଶ୍ୱର(ନି.ପ୍ର.)ଜଳବାୟୁ ପରିବର୍ତନ ଜନିତ ପରିସ୍ଥିତି ଯୋଗୁଁ ଗ୍ରୀଷ୍ମ ପ୍ରବାହ ସବୁ ସମୟରେ ଲାଗି ରହିଥିବାରୁ ଏ ଦିଗରେ ଜନସାଧାରଣ ସଚେତନ ହୋଇ ନିଜେ ନିଜକୁ ସୁସ୍ଥ ରଖିବା ପାଇଁ ବାର ଆସୋସିଏସନ୍ ସଭାପତି ମନୋଜ କୁମାର ନାୟକ ପରାମର୍ଶ ଦେଇଛନ୍ତି ।ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏକ ଜଳଛତ୍ର ଓ ଦହି ସରବତ ବ[ନ କାର୍ଯ୍ୟକ୍ରମ କୁ ଉଦଘାଟନ କରି ଶ୍ରୀ ନାୟକ କହିଲେ ଯେ, ଜନସାଧାରଣ ଙ୍କୁ ସଚେତନ କରିବା, ବିଭିନ୍ନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା କୁ ପ୍ରଶାସନ ର ଦୃଷ୍ଟିକୁ ଆଣିବା ସାମ୍ବାଦିକ ଙ୍କ ଦାୟିତ୍ୱ ଓ କର୍ତବ୍ୟ । ଏହା ସହିତ ସମାଜ ସେବା କରିବା ସାମ୍ବାଦିକ ଙ୍କ ଆଉ ଏକ ଦାୟିତ୍ୱ ବୋଲି ସେ କହିଥିଲେ ।ସେ କହିଲେ ଯେ, ଜଳଛତ୍ର , ସ୍ୱଚ୍ଛ ଭାରତକାର୍ଯ୍ୟକ୍ରମ, ରକ୍ତଦାନ




ଶିବିର, ବୃକ୍ଷ ରୋପଣ ଆଦି ଅନେକ କାର୍ଯ୍ୟକ୍ରମ ଓଡ଼ିଶା ସାମ୍ବାଦିକ ୟୁନିଅନ କରୁଥିବା ବାସ୍ତବିକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ସମ୍ବାଦ ଲେଖା ଓ ପରିବେଷଣ ସହଏହି ସେବା ମୂଳକ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସେ ସମସ୍ତ ସଦସ୍ୟ ଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସାଧାରଣ ସଂପାଦକ ବିବେକାନନ୍ଦ ଦାସ, ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥି ,ଅଜିତ କୁମାର ମହାନ୍ତି, ପ୍ରସନ୍ନଜିତ ଆଶ,ଅଧିପ୍ କୁମାର ଜେନା, ଆଶୁତୋଷ ମଲ୍ଲିକ,ଲୋକନାଥ ପିରି, ଅମ୍ରିତା ପିରୀ,ହାଇଦର ଖାନ, ଅଜୀମ ବାଲେଶ୍ୱରୀ, ସୋମନାଥ ସାହୁ, କହ୍ନେଇ ଚରଣ ପ୍ରଧାନ ଆଇନଜୀବୀ, ଅଜୟ କୁମାର ପାତ୍ର ସମାଜ ସେବୀ ଅରୁଣ ଚାଟାର୍ଜୀ ,ଭବାନୀ ଶଙ୍କର ପାଣିଗ୍ରାହୀ ,ଗୋପବନ୍ଧୁ ଗିରି , ହରେକୃଷ୍ଣ ପାତ୍ର, ମୀନାନ୍ଦ୍ର ଦାସ, ସିପୁନ କୁମାର ମହାନ୍ତି ଆଲୋକ କୁମାର ମଲ୍ଲିକ, ବାପୁନ କୁମାର ସାହୁ ,ଅଭିରାମ ବାରିକ ପ୍ରମୁଖ ଙ୍କ ସମେତ ବହୁ ଆଇନଜୀବୀ,ସ୍ଥାନୀୟ ବ୍ୟବସାୟୀ, ଅଟୋ ଚାଳକ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲୋ ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଅନୁରୂପ ଭାବେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତକେନ୍ଦ୍ରରେ ଆୟୋଜିତ ଶିବିରକୁ ବିଧାୟକ ମାନସ କୁମାର ଦତ ଉଦଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଓଡଙ୍ଗୀ ପଂଚାୟତର ନିଧିପଣ୍ଡା ସ୍ଥିତ ଲକି କଲ୍ୟାଣ ମଣ୍ଡପ ଠାରେ ଅନ୍ୟ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ବିଧାୟକ ଶ୍ରୀ ଦତ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ଭଳି ମହତ କାର୍ଯ୍ୟ ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମଗ୍ର ରାଜ୍ୟ ପାଇଁ ଗର୍ବ ଓ ଗୌରବ । ତାଙ୍କର ରାଷ୍ଟ୍ରସେବାରେ ସମର୍ପିତ ସେବା ଯୁବ ମାନସ ପାଇଁ ପ୍ରେରଣାର ଉତ୍ସ ହୋଇଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ ପୂର୍ବକ ଓଡିଶା ପାଇଁ ଶ୍ରୀ ପ୍ରଧାନ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ରକ୍ତଦାନ ଭଳି ମହତ ସେବା ମାଧ୍ୟମରେ ସମାଜରେ ଏକ



ସକାରାତ୍ମକ ବାର୍ତା ପହଂଚାଇବା ଲକ୍ଷ୍ୟ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଜନ୍ମ ଦିବସକୁ ରକ୍ତଦାନ ଶିବିର ଆୟୋଜନ ମାଧ୍ୟମରେ ପାଳନ ନିଷ୍ପତି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ବିଧାୟକ ଶ୍ରୀ ଦତ ଏହି ଅବସରରେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୟାଧର ବେହେରା, କାହ୍ନୁ ଚରଣ ମହାଳିକ,ଗୌରାଙ୍ଗ ଚନ୍ଦ୍ର ଦାଶ, ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, କାର୍ତିକ ରାଉତ, ହରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଟାଟାର୍ଜି, ରଞ୍ଜନ ଦାଶ, ଅନିରୁଦ୍ଧ ପ୍ରଧାନ, ଶକ୍ତିପଦ ରାୟ, ବିକାଶ ପାଢ଼ୀ, ସୌଭାଗ୍ୟ ମାନସ ନାୟକ,ପିତାମ୍ବର ଭୂୟାଁ, ବିଶ୍ୱନାଥ ନାୟକ, ଜୀବନ ସାମଲ, ସୁଭାଷ ଖଟୁଆ, ସଂଗୀତା ପରିଡା, ଅଶୋକ ଦାଶ, ବୀରେନ୍ଦ୍ର ସେନାପତି, ବିଜୟ ଦାଶ, ହରେନ୍ଦ୍ର ପ୍ରଧାନ, ଘନଶ୍ୟାମ ଗିରି, ରବିନାରାୟଣ ପାଣିଗ୍ରାହୀ, ଗଣେଶ ପରିଡା, ରମେଶ ତପସ୍ୱୀ, ପ୍ରଶାନ୍ତ କର, ଯମୁନା ମହାଳିକ ପ୍ରମୁଖ ଏହି ଶିବିରଗୁଡିକରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜଳତଳ ପ୍ରତ୍ନତତ୍ତ୍ୱ ଓ ସ୍କୁବା ଡାଇଭିଂ ଉପରେ ଏକଦିବସୀୟ କର୍ମଶାଳା

ବାଲେଶ୍ୱର(ନି.ପ୍ର.) ଜଳତଳ ପ୍ରତ୍ନତତ୍ତ୍ୱ ଏବଂ ସ୍ୱୟଂଚାଳିତ ଶ୍ୱାସଯନ୍ତ୍ର ସହାୟତାରେ ସ୍କୁବା ଡାଇଭିଂ ପ୍ରଣାଳୀ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ମୌଳିକ ଜ୍ଞାନ ପ୍ରଦାନ କରିବା ସହିତ ଜଳତଳ ପ୍ରତ୍ନତତ୍ତ୍ୱ ଗବେଷଣାରେ ଏହାର ପ୍ରୟୋଗ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେଏକ ଦିନିକିଆ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କର୍ମଶାଳାରେ ଶ୍ରୀଲଙ୍କାର ପ୍ରଶିକ୍ଷକ ଶ୍ରୀ ରସିକା ମୁଥୁକୁମାରନ ଏବଂ କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନର ଶ୍ରୀ ସବିର ବକ୍ସ ଜଳକ୍ରୀଡ଼ା ନିମଜ୍ଜନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ଶ୍ରୀଲଙ୍କାର ଶ୍ରୀ ଅମଲକା ୱିଜେସୁରିୟା ସ୍ଥଳଭାଗ ଓ ଜଳତଳ ପ୍ରତ୍ନତତ୍ତ୍ୱ ନଥିକରଣ ସମ୍ପର୍କରେ ବ୍ୟାଖ୍ୟାନ ଓ ପ୍ରଶିକ୍ଷଣ ଦେଇଥିଲେ । ଜଳତଳ ସାଂସ୍କୃତିକ ଐତିହ୍ୟର ବୈଜ୍ଞାନିକ ନଥିକରଣ ଓ ସଂରକ୍ଷଣର ଗୁରୁତ୍ୱ ସହ ବ୍ୟବହାରିକ



ପ୍ରଶିକ୍ଷଣ ଉପରେ ବିଶେଷ ଆଲୋକପାତ କରାଯାଇଥିଲା । କର୍ମଶାଳାର ପ୍ରାରମ୍ଭିକ ଅଧିବେଶନରେ ପ୍ରଶିକ୍ଷଣର ଉଦ୍ଦେଶ୍ୟ, ପରିସର ଓ ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆୟୋଜକମାନେ ନଦୀ, ସମୁଦ୍ର, ପ୍ରାଚୀନ ବନ୍ଦର ଏବଂ ଜଳମଗ୍ନ ସାଂସ୍କୃତିକ ପରିବେଶ ମାଧ୍ୟମରେ ମାନବ ସଭ୍ୟତାର ଅତୀତକୁ ବୁଝିବାରେ ସାମୁଦ୍ରିକ ପ୍ରତ୍ନତତ୍ତ୍ୱର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ଜଳତଳ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ବିଭିନ୍ନ ପଦ୍ଧତି ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ପରିଚିତ କରାଯାଇଥିଲା । ବିଶେଷଜ୍ଞମାନେ ମୁକ୍ତ ରେଖା ଅନୁସନ୍ଧାନ ପଦ୍ଧତି, ବୃତାକାର ଅନୁସନ୍ଧାନ ପଦ୍ଧତି ଏବଂ ନୌକା ଟଣା ସର୍ବେକ୍ଷଣ ପଦ୍ଧତି ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ଜଳମଗ୍ନ ପ୍ରତ୍ନତତ୍ତ୍ୱ ସ୍ଥଳୀର ବୈଜ୍ଞାନିକ ଅନୁସନ୍ଧାନ, ସାଂସ୍କୃତିକ ଅବଶେଷ ଚିହ୍ନଟ ଏବଂ ସେଗୁଡ଼ିକର ଅକ୍ଷୁଣ୍ଣତା ବଜାୟ ରଖି ଗବେଷଣା କରିବାର ବିଭିନ୍ନ ପ୍ରକ୍ରିୟା ବିଷୟରେ ସେମାନେ ଅବଗତ କରାଇଥିଲେ । ଏଥିସହ ଅଂଶଗ୍ରହଣକାରୀମାନଙ୍କୁ ଅବସ୍ଥିତି ନିର୍ଣ୍ଣୟ ପ୍ରଣାଳୀର ବ୍ୟବହାର, ଜଳତଳ ଆଲୋକଚିତ୍ର ଗ୍ରହଣ, ପରିମାପଭିତିକ ଚିତ୍ରାଙ୍କନ, ରେଖାଚିତ୍ର ପ୍ରସ୍ତୁତି ଏବଂ ସୁବ୍ୟବସ୍ଥିତ ନଥିକରଣ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । କର୍ମଶାଳାରେ ଅଂଶଗ୍ରହଣକାରୀମାନେ ଜଳତଳ ପ୍ରତ୍ନତତ୍ତ୍ୱର ବୈଜ୍ଞାନିକ ପ୍ରକ୍ରିୟା, ସ୍କୁବା ଡାଇଭିଂ ପ୍ରଶିକ୍ଷଣର ମୌଳିକ କୌଶଳ ଏବଂ ଜଳମଗ୍ନ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସମ୍ପର୍କରେ ଜ୍ଞାନ ଲାଭ କରିଥିଲେ । ଏହି କର୍ମଶାଳା ସାମୁଦ୍ରିକ ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଗବେଷଣା, ଦକ୍ଷତା ବିକାଶ ଓ ଜଳତଳ ଐତିହ୍ୟ ସଂରକ୍ଷଣ ପ୍ରତି ସଚେତନତା ବୃଦ୍ଧିରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଆୟୋଜକ, ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମତ ପ୍ରକାଶ ପାଇଥିଲା ।

# ଶିକ୍ଷା ବଂଚାଓ ପାଇଁ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର(ନି.ପ୍ର.)ଯେକୌଣସି ଜାତି ଓ ସଭ୍ୟତାର ଆତ୍ମା ହେଉଛି ଶିକ୍ଷା । ମାତ୍ର ଶିକ୍ଷା ବ୍ୟବସ୍ଥା ଯେତେବେଳେ ବିପର୍ଯ୍ୟସ୍ତ ହୁଏ, ସେତେବେଳେ ସଭ୍ୟତା ବିପର୍ଯ୍ୟୟ ଆଡ଼କୁ ଗତିକରେ । ଭାରତର ଅବସ୍ଥା ଏବେ ସେହିଭଳି ହେବାକୁ ଯାଉଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ' ଶିକ୍ଷା ବଂଚାଅ, ଦେଶ ବଂଚାଅ ' ଶୀର୍ଷକ ଉପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର କଂଗ୍ରେସ ବିଧାୟକ ଦଳ ଉପନେତା ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ ଓ ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ମଧୁମିତା ସେଠୀ ପଣ୍ଡା ଯୋଗ ଦେଇ ଶିକ୍ଷା




ବ୍ୟବସ୍ଥା କ୍ଷେତ୍ରରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ କହିଥିଲେ । ନିଟ ପ୍ରଶ୍ନପତ୍ର ବିଭ୍ରାଟ ପାଇଁ ଅଦ୍ୟାବଧି ସରକାରୀ ଭାବେ ୧୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି ବୋଲି କୁହା ଯାଉଥିଲା ବେଳେ ବାସ୍ତବ କ୍ଷେତ୍ରରେ ତାହା ୩୨ ଟପିଲାଣି । ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ପାଇଁ ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି । ଯାହା ଶିକ୍ଷା ମନ୍ତ୍ରଣାଳୟର ବାର୍ଷିକ ବଜେଟ୍ ସହ ସମାନ । ମାତ୍ର ବାରମ୍ବାର ଏହି ପରୀକ୍ଷାରେ ବିଭ୍ରାଟ ହେବା ଦେଶ ପାଇଁ ମହାବିପଦ ସାବ୍ୟସ୍ତ ହୋଇଛି । ଏହି ପରୀକ୍ଷା ପରିଚାଳନା କରୁଥିବା ଏନଟିଏ ଏବେ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି ବଦଳରେ ନ୍ୟାସନାଲ ଟ୍ରମା ଏଜେନ୍ସି ରେ ପରିଣତ ହୋଇଛି । ତେଣୁ ଦେଶକୁ ବଂଚାଇବାକୁ ହେଲେ ଶିକ୍ଷାକୁ ବଂଚାଇବାକୁ ହେବ । ଏଥିପାଇଁ ବିଜେପିକୁ ସରକାରରୁ ହଟାଇବାକୁ ପଡିବ ବୋଲି ଶ୍ରୀ ଦାସ ଓ ଶ୍ରୀମତୀ ପଣ୍ଡା କହିଥିଲେ । ଶେଷରେ ଜିଲ୍ଲା ସାଧାରଣ ସଂପାଦକ ନିଶିଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା ପଣ୍ଡା, ଜିଲ୍ଲା ଅନୁସୂଚିତ ଜାତି ସେଲ୍ ଅଧ୍ୟକ୍ଷ ବିଧାନ ଜେନା, ଜିଲ୍ଲା ସାଧାରଣ ସଂପାଦକ ଆଶିଷ ପଟ୍ଟନାୟକ, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ଯୋଗେଶ୍ୱର ବେହେରା, ଦେବଦତ ଦାସ, ରେମୁଣାର ପିସିସି ସଭ୍ୟ ତରୁଣ ଦାସ, ମହିଳା ନେତ୍ରୀ କୁମୁଦିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାରେ ପ୍ରଥମ ଥର ଆୟୋଜିତ ହେଉଛି 'ରାଇଟର୍ ଇନ୍ ରେସିଡେନ୍ସ' କାର୍ଯ୍ୟକ୍ରମ 'ବସାରେ ଲେଖକ-୨୦୨୬' ପାଇଁ ମନୋନୀତ ହେଲେ ୧୦ ତରୁଣ ଲେଖକ

ବାଲେଶ୍ୱର,(ନି.ପ୍ର): ଓଡ଼ିଶାରେ ପ୍ରଥମ ଥର ପାଇଁ 'ରାଇଟର୍ ଇନ୍ ରେସିଡେନ୍ସ' ବା 'ବସାରେ ଲେଖକ-୨୦୨୬' କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛି ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ । ସବୁବେଳେ କିଛି ନା ଅଭିନବ କାର୍ଯ୍ୟକ୍ରମ କରୁଥିବା ଏହି ସଂସ୍ଥାର ୨୧ତମ ବର୍ଷ ପୂର୍ତି ଅବସରରେ ଜୁଲାଇ ମାସରେ ଚିଲିକା ହ୍ରଦ କୂଳରେ ଆୟୋଜିତ ହେବାକୁ ଥିବା ଏହି ସପ୍ତାହବ୍ୟାପୀ ଆବାସିକ କର୍ମଶାଳାରେ ୨୫ ବର୍ଷରୁ କମ୍ ବୟସର ୧୦ ଜଣ ତରୁଣ ଲେଖକ ଭାଗ ନେବାକୁ ମନୋନୀତ ହୋଇଛନ୍ତି ।'ପେନ୍ ଇନ୍ ବୁକ୍ସ' ପକ୍ଷରୁ ପ୍ରକାଶିତ ଏକ ବିବୃତି ଅନୁଯାୟୀ, କାର୍ଯ୍ୟକ୍ରମ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୧୪୩ଟି ଆବେଦନ ଆସିଥିଲା । ପ୍ରଥମ ପର୍ଯ୍ୟାୟରେ ୩୦ ଜଣଙ୍କୁ ଚୟନ କରାଯାଇ ସେମାନଙ୍କୁ ଉପନ୍ୟାସର ଗୋଟିଏ ଲେଖାଏଁ ଅଧ୍ୟାୟ ଲେଖିବାକୁ କୁହାଯାଇଥିଲା । ସେଥିରୁ ଚୂଡ଼ାନ୍ତ ପର୍ଯ୍ୟାୟରେ ୧୦ ଜଣ ତରୁଣ ଲେଖକ ମନୋନୀତ ହୋଇଛନ୍ତି ।ମନୋନୀତ ଲେଖକମାନେ ହେଲେ ବରଗଡ଼ର ଧର୍ମରାଜ ମହାମଲ୍ଲିକ, ଢେଙ୍କାନାଳର ବିଶ୍ୱଜିତ ସାହୁ, କଟକର ପ୍ରୀତିକୃଷ୍ଣା ସାହୁ ଓ ଶୁଭଶ୍ରୀ ଦାସ, ଜଗତସିଂହପୁରର ସୁରଜିତ ପ୍ରଧାନ, ଯାଜପୁରର ସଞ୍ଜୟ ରାଉଳ, ଗଞ୍ଜାମର ବାଦଲ ପଲେଇ, ଅନୁଗୋଳର ତୃପ୍ତିମୟୀ ରାଉଳ, ଭଦ୍ରକର ସସ୍ମିତା ବେହେରା ଏବଂ କେନ୍ଦ୍ରାପଡ଼ାର ଜ୍ୟୋତିରଞ୍ଜନ ଦାସ ।ବିଶିଷ୍ଟ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ଓ ମିୟୋଗ ରଞ୍ଜନ ପାତ୍ର ଏହି କାର୍ଯ୍ୟକ୍ରମର ପରାମର୍ଶଦାତା (ମେ[ର) ଭାବେ ଦାୟିତ୍ୱ ତୁଲାଇବେ ବୋଲି ବିବୃତିରେ କୁହାଯାଇଛି । ଚଳିତ ବର୍ଷର ବିଷୟ 'କ୍ୟାମ୍ପସ୍ ଉପନ୍ୟାସ' ରଖାଯାଇଛି । ଗତ ତିନି ମାସ ଧରି ମେ[ରମାନଙ୍କ ତତ୍ତ୍ୱାବଧାନରେ ମନୋନୀତ ଲେଖକମାନେ ଗୋଟିଏ ଲେଖାଏଁ ଉପନ୍ୟାସ ରଚନା କରିଛନ୍ତି । ସାତ ଦିନିଆ ଏହି ଆବାସିକ କର୍ମଶାଳାରେ ସେହି ଉପନ୍ୟାସଗୁଡ଼ିକର ମୂଲ୍ୟାଙ୍କନ କରାଯିବା ସହ ସଂଶୋଧନ, ସମ୍ପାଦନ, ପୁନର୍ଲିଖନ ଓ ପରିମାର୍ଜନ ସମ୍ପର୍କରେ ପରାମର୍ଶ ଦିଆଯିବ । ଏହା ସହିତ ରାଜ୍ୟର ବହୁ ବରିଷ୍ଠ କଥାକାର ଏଥିରେ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଉପନ୍ୟାସ ରଚନାର ବିଭିନ୍ନ କୌଶଳ ଓ ଦିଗ ଉପରେ ଆଲୋଚନା କରିବେ ବୋଲି ସୂଚନା ଦିଆଯାଇଛି । କର୍ମଶାଳା ପରେ ମନୋନୀତ ୧୦ ଜଣ ଲେଖକଙ୍କ ଉପନ୍ୟାସ ପୁସ୍ତକ




ଆକାରରେ ପ୍ରକାଶ ପାଇବା ସହିତ ଆସନ୍ତା ସେପ୍ଟେମ୍ବର ମାସରେ ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୁସ୍ତକଗୁଡ଼ିକ ଉନ୍ମୋଚିତ ହେବା ସହ ସମସ୍ତ ତରୁଣ ଲେଖକଙ୍କୁ ସମ୍ମାନିତ କରାଯିବ । ସମ୍ପୂର୍ଣ୍ଣ ନିଃଶୁଳ୍କ ଏହି କାର୍ଯ୍ୟକ୍ରମରେ ଭାଗ ନେଉଥିବା ଲେଖକମାନଙ୍କର ଯାତାୟାତ, ରହଣି ଏବଂ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ବହନ କରିବ ବୋଲି ପେନ୍ ଇନ୍ ବୁକ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ଚଳିତ ମାସ ୨୮ ତାରିଖରେ ଶେଷ ହେବ

ପୁରୀ(ନିପ୍ର): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ବର୍ତ୍ତମାନ ଅନ୍ତିମ ପର୍ଯ୍ୟାୟରେ ପହଂଚିଛି । ରାଜ୍ୟବ୍ୟାପୀ ଏହି ବୃହତ୍ ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଚଳିତ ମାସ ୨୮ ତାରିଖରେ ଶେଷ ହେବ । ଏଥିପାଇଁ ପୁରୀ ନିର୍ବାଚନ ବିଭାଗ ପକ୍ଷରୁ ଶେଷ ପର୍ଯ୍ୟାୟର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଏ ସମ୍ପର୍କରେ ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଅଧ୍ୟକ୍ଷତା କରିବା ସହ ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ ର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ବିଏଲଓ ଙ୍କ ସହ ବିଏଲଏ ମାନଙ୍କ ସମନ୍ୱୟ ମାଧ୍ୟମରେ ଏହି କାର୍ଯ୍ୟ ସଠିକ ଭାବେ କରାଯାଇଛି । ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରଦର୍ଶନ ସହ



ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ର ସମୟ ରଖାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାର ଏସଆଇଆରର ତଥ୍ୟ ଉପସ୍ଥାପନ କରିଥିଲେ । ପୁରୀ ଜିଲ୍ଲା ରେ ୯୯.୯୪ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ସଫଳତାର ସହ ପହଂଚି ସାରିଛି । ଏପର୍ଯ୍ୟନ୍ତ ୧୩୮୭୦୭୧ ଭୋଟରଙ୍କୁ ଫର୍ମ ବଂଟନ କରା ଯାଇଥିବା ବେଳେ ଅବଶିଷ୍ଟ ଭୋଟରଙ୍କ ନିକଟରେ ଫର୍ମ ପହଂଚାଇବା ପାଇଁ କ୍ଷେତ୍ରସ୍ତରରେ ଅଧିକାରୀମାନେ କାମ କରୁଛନ୍ତି । କେବଳ ଫର୍ମ ବଂଟନ ନୁହେଁ, ବରଂ ଏକ ସ୍ୱଚ୍ଛ, ନିର୍ଭୁଲ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ତଥ୍ୟର ଡିଜିଟାଇଜେସନ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଚାଲିଛି । ବର୍ତ୍ତମାନ ସୁଦ୍ଧା ୯୩.୭୯ ପ୍ରତିଶତ, ଅର୍ଥାତ ୧୩୦୧୭୭୦ ଜଣ ଭୋଟରଙ୍କ ତଥ୍ୟ ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇସାରିଛି । ଏହି ସଂଶୋଧନ ପ୍ରକ୍ରିୟା ସମୟରେ ୩୦୬୦୪ ମୃତ, ୯୮୯୭ ଅନୁପସ୍ଥିତ ଭୋଟର, ୩୪୪୮୨ ସ୍ଥାୟୀ ଭାବେ ସ୍ଥାନାନ୍ତର ଭୋଟର ଙ୍କ ତାଲିକା ପ୍ରସ୍ତୁତ ହୋଇଛି । ଏହି ଅଭିଯାନରେ ଅଧିକରୁ ଅଧିକ ଜନସହଭାଗିତା ସୁନିଶ୍ଚିତ କରିବା ସହ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଂଟ ମାନଙ୍କ ମଧ୍ୟରେ ସମନ୍ୱୟ ବୈଠକ ଆୟୋଜିତ ହୋଇ ଅବଶିଷ୍ଟ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ପରାମର୍ଶ ଦିଆଯାଇଥିଲା । ଏକ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ହେଉଛି ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ମତ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳ ମାଧବ ମାଝୀ,ଡେପୁଟି କଲେକ୍ଟର ରୁନୀତା ପ୍ରଧାନ, କାକଟପୁର ବିଡ଼ିଓ ନାରାୟଣ ଦୀକ୍ଷିତ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ ।

# ଭିଜିଲାନ୍ସ ଜାଲରେ ତିନିଜଣ କାର୍ଯ୍ୟନିର୍ବାହୀ
## ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ

କଟକ(ନିପ୍ର): କେନ୍ଦୁଝର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାରେ ଏଲ୍ ଇ ଡି ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ (୨୦୨୧-୨୦୨୩) ସ୍ଥାପନରେ ୩ କୋଟି ଟଙ୍କାର ସରକାରୀ ଅର୍ଥର ଭୁଲ ବ୍ୟବହାରରେ ସମ୍ପୃକ୍ତି ଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ୩ କାର୍ଯ୍ୟନିର୍ବାହୀଙ୍କୁ ଗିରଫ କରିଛି । ଅର୍ଥାତ୍ ୨୫.୬.୨୬ରେ, ଯାଜପୁର ଟାଉନ୍‌ର ଦେବୀ ଦ୍ୱାରରେ ଥିବା ମେସର୍ସ ବିରଜା ଇଲେକ୍ଟ୍ରିକାଲ୍ ଆଣ୍ଡ୍ କନଷ୍ଟ୍ରକ୍ସନ୍ ?ର ମାଲିକ ଗିରିଜା ଶଙ୍କର ଦାଶ ଏବଂ ଭୁବନେଶ୍ୱରର ଜୟଦେବ ବାଟିକା ନିକଟରେ ଥିବା ଖଣ୍ଡଗିରିର ମେସର୍ସ ଯୋଗମାୟା ଟ୍ରେଡର୍ସ ର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ ନାମକ ୩ ନିର୍ବାହୀଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରି ୩ କୋଟି ଟଙ୍କାର ସରକାରୀ ପାଣ୍ଠିର ଅପବ୍ୟବହାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ସମ୍ପୃକ୍ତ ଭିଜିଲାନ୍ସ କୋର୍ଟକୁ ପଠାଇ ଦିଆଯାଇଛି । ଏହି ସମ୍ପର୍କରେ, ଓଡ଼ିଶା ଭିଜିଲାନ୍ସ ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୫, ୬ ଏବଂ ୭ ଅନୁଯାୟୀ ପି.ସି. ଆଇନ, ୧୯୮୮ ଏବଂ ଆଇପିସିର ପ୍ରାସଙ୍ଗିକ ଧାରା ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ୦୩ଟି ମାମଲା ପଞ୍ଜିକୃତ କରିଛି । ପୁଙ୍ଖାନୁପୁଙ୍ଖ ତଦନ୍ତ ସମୟରେ, ଉପରୋକ୍ତ ୩ଟି ଜିଲ୍ଲାରେ ଉପରୋକ୍ତ ୩ ଜଣ କାର୍ଯ୍ୟନିର୍ବାହୀଙ୍କୁ ଦୁର୍ନୀତି ମାମଲାରେ ମୁଖ୍ୟ ଅଭିଯୁକ୍ତ ଭାବରେ ଚୁକ୍ତିନାମା ପ୍ରଦାନ କରାଯାଇଥିବା ଜଣାପଡିଛି । ପ୍ରାଥମିକ ଆକଳନ ଅନୁଯାୟୀ, ୦୩ଟି ଜିଲ୍ଲାରେ ପ୍ରାୟ ୩ କୋଟି ଟଙ୍କାର ହେରଫେର ହୋଇଥିବା ଜଣାପଡ଼ିଥିଲା । ଏହି ୦୩ଟି ଜିଲ୍ଲାରେ ପ୍ରାୟ ୧୦୦୦ କ୍ଲଷ୍ଟର (ପ୍ରତ୍ୟେକ କ୍ଲଷ୍ଟରରେ ୧୦ଟି ଏଲ୍ ଇ ଡି ଲାଇଟ୍ ଅଛି) ଅଛି, ଯେଉଁଠାରେ ୨୦୨୧ ରୁ ୨୦୨୩ ମଧ୍ୟରେ ପଂଚମ ରାଜ୍ୟ ଅର୍ଥ କମିଶନଙ୍କ ବିକ୍ରୟ ଅନୁଦାନରୁ ପ୍ରାପ୍ତ ପାଣ୍ଠିରୁ ଏଲ୍ ଇ ଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଥିଲା । ପ୍ରତ୍ୟେକ କ୍ଲଷ୍ଟରରେ ଅଭାବ ଏବଂ ହେରଫେରର ପ୍ରମାଣ ସୃଷ୍ଟି କରିବା ପାଇଁ ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ସମସ୍ତ କ୍ଲଷ୍ଟରଗୁଡ଼ିକୁ ବୈଷୟିକ ଭାବରେ ଯାଂଚ କରାଯାଉଛି । ପାଣ୍ଠି ବଂଟନର ଯନ୍ତ୍ରପାତି ଏବଂ ସରକାରୀ କର୍ମଚାରୀଙ୍କ ମିଳନ ଯାଂଚ କରିବା ପାଇଁ ସଂଯୁକ୍ତ ଫାଇଲଗୁଡ଼ିକୁ ଜବତ କରାଯାଉଛି । ମାମଲାଗୁଡ଼ିକର ତଦନ୍ତ ଜାରି ରହିଛି ।

# ଉତ୍କଳ ମହିଳା ସମିତିର କାର୍ଯ୍ୟକାରୀ କମିଟି ବୈଠକ



କଟକ(ନିପ୍ର): ବଜ୍ରକବଟୀ ଗହ୍ମାଡିହସ୍ଥିତ ଉତ୍କଳ ମହିଳା ସମିତିର କାର୍ଯ୍ୟକାରୀ ବୈଠକ ଉକ୍ତ ସଂଗଠନର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ଶ୍ରୀମତୀ ବାସନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଆହେତୁକ ଦରଦାମ୍ ବୃଦ୍ଧି ଏବଂ ମହିଳା ମାନଙ୍କ ପ୍ରତି ହିଂସା, ଦୁଷ୍କର୍ମ ତଥା ମହିଳା ନିର୍ଯାତନା ଇତ୍ୟାଦି ବହୁଳ ମାତ୍ରାରେ ହେଉଥିବାରୁ ଗଭୀର ଦୁଃଖ ପ୍ରକାଶ କରି ସତର୍କ ଓ ସମାଧାନର ରାସ୍ତା ବାହାର କରିବା ଦିଗରେ ଆଲୋଚନା କରାଯାଇ ଥିଲା । ମହିଳା ନିର୍ଯାତନା ଫଳରେ ସାମାଜିକ ଶୃଙ୍ଖଳା ରକ୍ଷା ପାଇବାରେ ବାଧା ସୃଷ୍ଟି ହେଉଛି । ଏହି ଅଶାନ୍ତିର କାରଣ ହେଉଛିନ୍ତି ପରିବାର ବ୍ୟବସ୍ଥା, ଇଂଟରନେଟର ବହୁଳ ଭାବରେ ବ୍ୟବହାର ଫଳରେ ଏପରି ଘଟଣା ଦେଖିବାକୁ ମିଳୁଛି । ସରକାରଙ୍କର ଲୋକମାନଙ୍କ ପ୍ରତି ହୋଇଥିବା ବିଭିନ୍ନ ସ୍କିମ୍ ଉପରେ ସୂଚନା ଦେଇ କହିଛନ୍ତି ଯେ, ଏହା ଲୋକମାନଙ୍କୁ କିଛି ପରିମାଣର ସହାୟକ ହୋଇଥିଲେ ମଧ୍ୟ ସମସ୍ତଙ୍କୁ ସେମାନଙ୍କର ମୌଳିକ ଆବଶ୍ୟକତା ତଥା ଖାଦ୍ୟ ପେୟ ବସ୍ତ୍ର ଓ ବାସଗୃହ ଯାହାକି ଗୋଟେ ଜନ କଲ୍ୟାଣ ରାଷ୍ଟ୍ରର ପ୍ରାଥମିକ ତଥା ସାମ୍ବିଧାନିକ ଦାୟିତ୍ୱ । ଏଥିରେ ସେ ବିଫଳ ହୋଇଛନ୍ତି । ଏହି ସବୁର ସମାଧାନ ନିମନ୍ତେ ସଭାନେତ୍ରୀ ବାସନ୍ତୀ ସାହୁଙ୍କ ସମେତ ଶ୍ରୀମତୀ ପ୍ରଭାରାଣୀ, ମୀନାକ୍ଷୀ ପଣ୍ଡା, ପଙ୍କଜ ବାସିନୀ ମହାନ୍ତି, ପ୍ରତିଭା ମିଶ୍ର, ମଞ୍ଜୁଲତା ଜେନା, ରେଣୁବାଳା ଜେନା, ଶକୁନ୍ତଳା ପଟ୍ଟନାୟକ, ସନ୍ଧ୍ୟାରାଣୀ ମହାନ୍ତି, ସାବିତ୍ରୀ ନାୟକ, ଲତା ପଟ୍ଟନାୟକ, ବିଦ୍ୟୁତ୍ କୁମାରୀ ଲାଲା, ସଂଯୁବାଳା ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ ସଫଳ କରିଥିଲେ ।

# ସଦ୍‌ଭାବନାର ବାର୍ତ୍ତା ନେଇ ପାଳିତ ହେଲା ମହରମ ପର୍ବ

ଧାମନଗର(ନିପ୍ର): ଧାମନଗର ଅଂଚଳରେ ମହରମ ପର୍ବ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ବାତାବରଣ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ସକାଳେ ଧାମନଗର ଶାନ ବଜାଇ ଠାରେ 'କଳିଙ୍ଗ କ୍ଲବ' ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଧାମନଗର ଅଂଚଳର ଉଭୟ ସମ୍ପ୍ରଦାୟର ବରିଷ୍ଠ ବ୍ୟକ୍ତିବିଶେଷ, ସାମ୍ବାଦିକ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଭାଇଚାରାର ସହ ସମ୍ବର୍ଦ୍ଧିତ କରାଯାଇଥିଲା । କଳିଙ୍ଗ କ୍ଲବର ସକ୍ରିୟ କାର୍ଯ୍ୟକର୍ତ୍ତା ମିରି ମୁର୍ତୁଜା, ସେକ



ସମର, ସେକ ସରାଫର ଏବଂ ସେକ ଟିକୋ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଉତ୍ସବର ଅଂଶବିଶେଷ ଭାବେ ପାରମ୍ପରିକ ବାଡ଼ି ଖେଳ ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟା ସମୟରେ କରବଲା ମଇଦାନ ଠାରେ ବାଡ଼ି ଖେଳର ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସମାଗମ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ମହରମ ହେଉଛି ତ୍ୟାଗ ଓ ବଳିଦାନର ପର୍ବ । ଇସଲାମୀୟ କ୍ୟାଲେଣ୍ଡରର ପ୍ରଥମ ମାସ ହୋଇଥିବାରୁ ଏହାକୁ ଅତ୍ୟନ୍ତ ପବିତ୍ର ଭାବେ ଗ୍ରହଣ କରାଯାଏ । ବିଶେଷକରି କରବଲା ଯୁଦ୍ଧରେ ହଜରତ ଇମାମ ହୁସେନଙ୍କ ବଳିଦାନର ସ୍ମୃତିକୁ ଏହି ଦିନରେ ଶ୍ରଦ୍ଧାର ସହ ସ୍ମରଣ କରାଯାଏ । ଧାମନଗରରେ ଏହି ପର୍ବକୁ କେବଳ ଧାର୍ମିକ ନୁହେଁ, ବରଂ ସାମାଜିକ ସଦଭାବର ପ୍ରତୀକ ଭାବେ ପାଳନ କରିବା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏକତାକୁ ଆହୁରି ମଜଭୁତ କରିଛି । ଏହି ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ପ୍ରଶାସନର କଡ଼ା ନଜର ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଯୋଗୁଁ ସମଗ୍ର ଅଂଚଳରେ ଶାନ୍ତିପୂର୍ଣ୍ଣଭାବେ ପର୍ବ ସମ୍ପନ୍ନ ହୋଇଥିଲା ।

# କୁଲଡିହା ଅଭୟାରଣ୍ୟରେ ହାତୀ ଉପଦ୍ରବ

ନୀଳଗିରି(ନିପ୍ର): ବାଲେଶ୍ୱର ଜିଲା ନୀଳଗିରି ର କୁଲଡିହା ଅଭୟାରଣ୍ୟ ର ହାତୀ ପ୍ରତିଦିନ ପାହାଡ ପାଦଦେଶରେ ଥିବା ଗ୍ରାମ ରେ ପଶି ଆମ୍ବ ପଣସ କଦଳୀ ଧାନ ଖାଇବା ସହ ଘର ଭାଙ୍ଗୁଛି । ଲୋକେ ନିରାପଦରେ ରାତିରେ ଶୋଇ ପାରୁ ନାହାନ୍ତି । ଯୋକଲଣ୍ଡା ଗ୍ରାମର ଶ୍ରୀକାନ୍ତ ଭୂୟାଁ ଆମ୍ବ ବଗିଚାରେ ହାତୀ ପଶି ଆମ୍ବ ଖାଇବା ସହିତ ଗଛ ଉପାଡି ଦେଇଛି କେତେକ ଗଛ ଭାଙ୍ଗି ଦେଇଛି । ଆଉ କେତେକ ଗଛ ରେ ଦାନ୍ତ ମାରି ଗଛକୁ ଚିରି ଦେଇଛି ଦୁଇ ସହ ଗଛ ମଧ୍ୟରୁ ପ୍ରତି ବର୍ଷ ଭାଙ୍ଗି ଭାଙ୍ଗି ଆଉ ପ୍ରାୟ ପଚାଶ ଭିତରେ ରହିଛି । ସ୍ୱାଦିଷ୍ଟ ଆମ୍ବ ଚାଷୀ କରି ପ୍ରତି ବର୍ଷ ବେଶ ଭଲ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରନ୍ତି । ହେଲେ ପ୍ରତି ବର୍ଷ ହାତୀ ଆସି ଫଳ ଖାଇବା ସହିତ ଗଛ ସବୁ ଭାଙ୍ଗି ପକାଉଛି । ଜଗନ୍ନାଥପୁର, ଜୋକଲଣ୍ଡା ଯାହୁଁରି, ଗୋକୁଳପାଣି ପ୍ରଭୃତି ଗ୍ରାମରେ ପ୍ରମୁଖ ଫସଲକୁ ରକ୍ଷା କରିବା ପାଇଁ ସୌର ବାଡ଼ ଲଗାଇବା ପାଇଁ ସହାୟତା ଯୋଗାଇବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଏଥିପ୍ରତି ଉପରସ୍ଥ ଅଧିକାରୀ ସ୍ଥାୟୀ ବ୍ୟବସ୍ଥା କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବୀ ହୋଇଛି ।

# ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି ନେଇ ଭିଜିଲାନ୍ସ ବିଭାଗର ଚଢ଼ାଉ

ଯାଜପୁର(ନିପ୍ର): ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପରେ ବଡ଼ ଦୁର୍ନୀତି ଅଭିଯୋଗ ଘଟଣା ନେଇ ଯାଜପୁର ଭିଜିଲାନ୍ସ ପକ୍ଷରୁ ଯାଂଚ ଜାରି । ଆଜି ଦ୍ୱିତୀୟ ଦିନରେ ଯାଜପୁର ଜିଲ୍ଲାର ୮ ଟି ବ୍ଲକ ଅଂଚଳରେ ଭିଜିଲାନ୍ସ ବିଭାଗର ଯାଂଚ ସହ ଚଢ଼ାଉ ଜାରି ରହିଛି । ଜିଲ୍ଲାରେ ମୋଟ ୮ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏହି ଯାଂଚ କରାଉଛି । ଗତକାଲି ବଡଚଣା ବ୍ଲକ ର ୧୦ଗୋଟି ପଂଚାୟତରେ ଯାଂଚ ହୋଇଥିବା ବେଳେ ଆଜି ଜିଲ୍ଲାର ୮ଗୋଟି ବ୍ଲକ ତଥା ଯାଜପୁର, ବିଞ୍ଝାରପୁର, ଦଶରଥପୁର, ବରୀ, କୋରେଇ, ଦାନଗଦୀ, ରସୁଲପୁର, ସୁକିନ୍ଦା ବ୍ଲକ ଅଂଚଳ ଗସ୍ତ କରି ବିଭିନ୍ନ ଗାଁ କୁ ଯାଇ ଷ୍ଟ୍ରିଟ୍ ଲାଇଟ୍ ଯାଂଚ କରୁଛି ଭିଜିଲାନ୍ସ ବିଭାଗ । ରାଜ୍ୟରେ ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିବା ରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହାର ଖୋଳତାଡ଼ ଆରମ୍ଭ ହୋଇଛି । ୨୦୨୧ରୁ ୨୦୨୩ ମଧ୍ୟରେ କେନ୍ଦୁଝର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତ ଗୁଡ଼ିକରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟରେ ସରକାରୀ ଅର୍ଥ ହଡପ୍ ହୋଇଥିବା ଅଭିଯୋଗ ଆସିଛି ।

# ଏମସିଏଲକୁ ମିଳିଲା ଆସୋଚାମ୍ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡ଼-୨୦୨୬

ଅନୁଗୁଳ(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)କୁ ରାଷ୍ଟ୍ରାୟତ ଉଦ୍ୟୋଗ (ଚଝଟ) କ୍ଷେତ୍ରରେ 'ସ୍ଥିରତା ଉପରେ ସ୍ୱତନ୍ତ୍ର ଧ୍ୟାନ ସହିତ ଖଣି କାର୍ଯ୍ୟରେ ଉତ୍କର୍ଷତା' ବର୍ଗ ଅଧୀନରେ ସମ୍ମାନଜନକ 'ଆସୋଚାମ୍ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡ ୨୦୨୬' ପ୍ରଦାନ କରାଯାଇଛି । କୋଲକାତା ଠାରେ ଆସୋଚାମ୍ ଦ୍ୱାରା ଆୟୋଜିତ ମିନେରାଲ୍ସ ଆଣ୍ଡ୍ ମାଇନିଂ କନକ୍ଲେଭ୍ ୨୦୨୬ - 'ଟ୍ରାନ୍ସଫର୍ମେସନ୍ ଫର୍ ଗ୍ଲୋବାଲ୍ କମ୍ପିଟିଟିଭନେସ୍' ର ଚତୁର୍ଥ ସଂସ୍କରଣ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇ ଥିଲା । ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ (ଜିଏସଆଇ)ର ମହାନିର୍ଦ୍ଦେଶକ ଶ୍ରୀ ଅସିତ ସାହା ଏହି ପୁରସ୍କାର ପ୍ରଦାନ




କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଏମସିଏଲ୍ ପକ୍ଷରୁ ମହାପ୍ରବନ୍ଧକ (ଖଣି) ରାଜେଶ ଶର୍ମା ଏହି ପୁରସ୍କାର ଗ୍ରହଣ କରିଥିଲେ । ସ୍ଥାୟୀ ଖଣିଜ ପ୍ରଣାଳୀ, ପରିଚାଳନାଗତ ଉତ୍କର୍ଷତା, ଉନ୍ନତ ଜ୍ଞାନକୌଶଳ ଆପଣାଇବା, ପରିବେଶ ସୁରକ୍ଷା ଦିଗରେ ଏମସିଏଲର ଉଲ୍ଲେଖନୀୟ ଅବଦାନ ଏବଂ ଦେଶର ଶକ୍ତି ନିରାପତା ସୁନିଶ୍ଚିତ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରି ଏହି ସମ୍ମାନ ପ୍ରଦାନ କରାଯାଇଛି । ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ, ଏମସିଏଲ୍ ୨୧୮ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ଏବଂ ୨୧୧ ମିଲିୟନ୍ ଟନ୍ ପ୍ରେରଣର ଉପଲବ୍ଧି ହାସଲ କରିଛି, ଯାହାକି ସବୁଜ ଏବଂ ଜ୍ଞାନକୌଶଳ ଭିତିକ ଖଣି ପଦକ୍ଷେପକୁ କ୍ରମାଗତ ଭାବରେ ଆଗେଇ ନେବା ସହ ଦେଶର ସର୍ବାଧିକ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବରେ ନିଜର ସ୍ଥାନ ବଜାୟ ରଖିପାରିଛି । ଏହି ପୁରସ୍କାର ସ୍ଥିରତା, ନବସୃଜନ ଏବଂ ଦାୟିତ୍ୱବାନ ସମ୍ବଳ ପରିଚାଳନା ଉପରେ ବିଶେଷ ଧ୍ୟାନ ଦେବା ସହିତ ଖଣି କାର୍ଯ୍ୟରେ ଉତ୍କର୍ଷତା ହାସଲ କରିବା ଦିଗରେ 'ଟିମ୍ ଏମସିଏଲ୍' ର ସାମୂହିକ ପ୍ରୟାସ ଏବଂ ଅଙ୍ଗୀକାରକୁ ପ୍ରତିଫଳିତ କରୁଛି ।

**ଭାରତୀୟ ବୈଷୟିକ ସଂସ୍ଥାନ**
**ଖଡ଼ଗପୁର**

**ବିଜ୍ଞାପନ ସଂ. ଆର/୦୬/୨୦୨୬ ଦିବା ଜୁନ ୧୬,୨୦୨୬**

ବିନୋଦ ଗୁପ୍ତା ସ୍କୁଲ ଅଫ୍ ମ୍ୟାନେଜମେଂଟରେ ପ୍ରଫେସର ଏବଂ ଡିନ୍ ପଦ ପାଇଁ ସଂସ୍ଥା ଅନ୍ ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

**୧. ପ୍ରଫେସର ଏବଂ ଡିନ୍ - ୦୧(ପଦବୀ)**

ସବିଶେଷ ବିବରଣୀ ପାଇଁ ଏବଂ ଅପ୍‌ଡେଟ୍ ଦେଖନ୍ତୁ

https://erp.iitkgp.se.in/gobs/autho/facatps.htm

ଅନ୍‌ଲାଇନ୍ ଦରଖା ଜମା କରିବାର ଅନ୍ତିମ ତାରିଖ: **୧୬.୦୭.୨୦୨୬**

**କୁଳ ସଚିବ**

cbc 21255/11/0005/2627

**ଘୋଷଣାପତ୍ର**

ଶ୍ରୀ ଜେ.ଏନ୍. ବେହେରା ନୋଟାରୀ ପବ୍ଲିକ୍, ବାଲେଶ୍ୱରଙ୍କ ଠାରେ ତା୨୬.୦୬.୨୦୨୬ରିଖରେ ଆମ୍ଭେ ଏଫିଡେଭିଟ୍‌କାରୀ ଶ୍ରୀ ଚନ୍ଦ୍ରକାନ୍ତ ଦାସ, ବ୬୩ର୍ଷ, ପିତା- ୰ରମାନାଥ ଦାସ, ସା/ପୋ- ଭୀମପୁର, ଥା- ସଦର, ଜି- ବାଲେଶ୍ୱର, ନିମ୍ନୋକ୍ତ ମତେ ଘୋଷଣା କରୁଅଛୁ ଯଥା:-

୧. ଗତ ୨୦୧୮ ମସିହା ଠାରୁ ୨୦୨୩ ମସିହା ପର୍ଯ୍ୟନ୍ତ ଆମ୍ଭର କେତେକ ପାରିବାରିକ ବିଶୃଙ୍ଖଳା ଓ ଅସୁବିଧା ଯୋଗୁଁ ଆମ୍ଭ ଜ୍ଞାତି କୁଟୁମ୍ବମାନଙ୍କ ମଧ୍ୟରୁ କେତେକ ଖଳ ପ୍ରକୃତି, କୁଚକ୍ରୀ ଗୋଷ୍ଠୀର ଲୋକମାନେ ଆମ୍ଭର ମାନସିକ ଅସ୍ଥିରତା ଓ ଅନ୍ୟାନ୍ୟ ଅସୁବିଧା କାରଣରୁ ଆମ୍ଭର ଦୁର୍ବଳତାର ସୁଯୋଗ ନେଇ କିଛି ପୈତୃକ ସଂପତିକୁ କେତେକ କାଗଜପତ୍ରରେ ଆମ୍ଭର ଦସ୍ତଖତ ନେଇ ନୋଟାରୀଙ୍କ ଠାରେ ମିଥ୍ୟା ଘୋଷଣାପତ୍ର କରି ଆମ୍ଭର ପୈତୃକ ସଂପତି ପ୍ରତି ବାଧାଜାତ କରାଉଛନ୍ତି । ଏତଦ୍ ବ୍ୟତୀତ ମିଥ୍ୟା କାଗଜପତ୍ର ପ୍ରସ୍ତୁତିର କିଛି ଫଟୋ ଓ ଭିଡ଼ିଓ ଉତୋଳନ କରି ଆମ୍ଭଙ୍କୁ ବିଭିନ୍ନ ଆଳରେ ବ୍ଲାକ୍‌ମେଲ କରୁଅଛନ୍ତି ।

୨. ଆମ୍ଭେ ସ୍ଥିର ଓ ସୁସ୍ଥ ମସ୍ତିଷ୍କରେ ଘୋଷଣା କରୁଅଛୁ କି ୨୦୧୮ ମସିହା ଠାରୁ ୨୦୨୩ ମସିହା ମଧ୍ୟରେ ଆମ୍ଭର ଦସ୍ତଖତ ନେଇ ସୃଷ୍ଟି କରାଯାଇଥିବା ଘୋଷଣାପତ୍ର, ଚୁକ୍ତିପତ୍ର ଓ ଅନ୍ୟ କୌଣସି ଦସ୍ତାବିଜକୁ ଆଧାର କରି ଆମ୍ଭ ପୈତୃକ ସଂପତିକୁ କରାୟତ କଲେ ବା କରିବାକୁ ଚେଷ୍ଟା କଲେ ଆମ୍ଭେ ସେଥିପ୍ରତି ଦାୟୀ ରହିବୁ ନାହିଁ ଓ ଉକ୍ତ ପ୍ରସ୍ତୁତ କାଗଜପତ୍ର ଆଇନ ଅଦାଲତ ଦ୍ୱାରା ଅଗ୍ରାହ୍ୟ ଓ ଅସିଦ୍ଧ ହେବ ।

ସ୍ୱା/-
**ଚନ୍ଦ୍ରକାନ୍ତ ଦାସ**
**ଏଫିଡେଭିଟ୍‌କାରୀ**





*ଅନ୍ୟକୁ କଟୁକଥା କହିଲେ ଆମ ମାନଙ୍କୁ କ'ଣ ମିଳେ ତାହା ଆମେ ନିଜକୁ ନିଜେ ପ୍ରଶ୍ନ ପଚାରିବା ଉଚିତ । ଦେଖିବେ କିଛି ଦିନ ମଧ୍ୟରେ ଆମେ ସମସ୍ତେ କିଛିଟା ସୁଗୁଣର ଅଧିକାରୀ ହୋଇ ପାରିବା ।*

# ଆଜିକାଲି



*ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ ।
ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥
(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ : ଅଗ୍ନି ଯେପରି ଧୂଆଁରେ ଆବୃତ ହୋଇଥାଏ । ଦର୍ପଣ ଯେପରି ଧୂଳିଦ୍ୱାରା ଆବୃତ ହୋଇଥାଏ ତଥା ଗର୍ଭ ଯେପରି ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ, ଏହି ଜ୍ଞାନ ସେହିପରି କାମ ଦ୍ୱାରା ଆବୃତ ହୋଇ ରହିଥାଏ

## ଓଡ଼ିଶା କୃଷିରେ ମହିଳାଙ୍କ ସଶକ୍ତିକରଣ

ଓଡ଼ିଶାର କୃଷି କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ଓ ଅଧିକାରକୁ ଅଧିକ ମଜବୁତ କରିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଓ ଗବେଷଣା ପ୍ରତିଷ୍ଠାନ (ଆଇଏଫପିଆରଆଇ) ମିଳିତ ଭାବେ ଭୁବନେଶ୍ୱରଠାରେ ଏକ ଦୁଇଦିନିଆ ସ୍ୱେଚ୍ଛାସେବୀ ଓ ପ୍ରଶିକ୍ଷଣ କର୍ମଶାଳାର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି 'ଲିଙ୍ଗଗତ-ସମ୍ବେଦନ ଶୀଳ କକ୍ଷ' ( ମାଧ୍ୟମରେ କୃଷି ନୀତିରେ ମହିଳା ଚାଷୀମାନଙ୍କୁ ସମାନ ସୁଯୋଗ ଓ ଗୁରୁତ୍ୱ ପ୍ରଦାନ କରିବା । ସଚିନ ରାମଚନ୍ଦ୍ର ଜାଧବ, କୃଷି ସଚିବ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି କହିଥିଲେ ଯେ, କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନକୁ କେବଳ ସାଂସ୍କୃତିକ ଦୃଷ୍ଟିକୋଣରୁ ଦେଖିଲେ ହେବନାହିଁ । ଏଥିପାଇଁ ସରକାରୀ ନୀତି ଏବଂ ପ୍ରଶାସନିକ ସ୍ତରରେ ବଡ଼ ପରିବର୍ତ୍ତନ ଆଣିବାକୁ ହେବ । ମହିଳା ଚାଷୀଙ୍କ ସଠିକ୍ ତଥ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଜରୁରୀ । ଶ୍ରୀ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଶାସନ ସଚିବ କହିଛନ୍ତି ଯେ କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକାକୁ ଆଗକୁ ବଢ଼ାଇବା ପାଇଁ ପ୍ରମାଣ-ଆଧାରିତ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ଭଳି ନୂଆ ନୀତିର ଆବଶ୍ୟକତା ରହିଛି । ଏହି ଦୁଇ ଦିନ ମଧ୍ୟରେ ଅଧିକାରୀମାନଙ୍କୁ କୃଷି ଯୋଜନାରେ ମହିଳାମାନଙ୍କ ପାଇଁ କେମିତି ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରାଯିବ ସେ ନେଇ ଆଲୋଚନା ହୋଇଥିଲା । ମହିଳା ଚାଷୀମାନଙ୍କୁ କିପରି ଡିଜିଟାଲ ଜ୍ଞାନକୌଶଳ ଓ ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ାଯାଇପାରିବ, ସରକାରୀ ତଥ୍ୟ ଏବଂ କମ୍ପ୍ୟୁଟର ସଫ୍ଟୱେର୍ ବ୍ୟବହାର କରି ମହିଳା ଚାଷୀଙ୍କ ସମସ୍ୟା ଓ ପ୍ରଗତିର ଆକଳନ କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କର୍ମଶାଳାରେ କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଇଆରଆରଆଇ ,ଏନଆଇପିଏଫପି , ଏନସିଏଇଆର ଏବଂ ଆଇଏଫପିଆରଆଇ ଭଳି ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ବିଶେଷଜ୍ଞମାନେ ସାମିଲ ହୋଇଥିଲେ । ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ଏବେ ଦେଶରେ କୃଷି କ୍ଷେତ୍ରରେ ସମାନତା ଓ ମହିଳା ସଶକ୍ତିକରଣ ଆଣିବାରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ । ମହିଳା ଚାଷୀମାନେ ସରକାରଙ୍କ ଯୋଜନାରୁ ସିଧାସଳଖ ସୁଫଳ ପାଇପାରିବେ ।

## ନାୟଡୁ କମିଶନ ରିପୋର୍ଟ: ଓଡ଼ିଶାର ମାଧବଦାସ ମାନଙ୍କୁ ଆଗକୁ ଆସିବାକୁ ହେବ



◆ଡ.ସମନ୍ୱୟ ନନ୍ଦ

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ପରବର୍ତ୍ତୀ ହିଂସା ମାମଲାର ଜାଂଚ ପାଇଁ ଗଠିତ ବିଚାର ବିଭାଗୀୟ କମିଶନ ତଦନ୍ତ ପରେ ଯେଉଁ ରିପୋର୍ଟ ଦେଇଥିଲେ ସେହି ରିପୋର୍ଟ ମିଳୁ ନାହିଁ । ଏହି ରିପୋର୍ଟ ହଜି ଯିବା ନେଇ ଗୃହ ବିଭାଗର ଜଣେ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଲିଖିତ ଅଭିଯୋଗରେ ସେ କହିଛନ୍ତି ଯେ ରିପୋର୍ଟର କପି ଗୃହ ବିଭାଗରୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଯାଇଥିଲା । ହେଲେ ଗତ ସାଧାରଣ ନିର୍ବାଚନର ଫଳାଫଳ ଆସିବା ପରେ ଅନ୍ୟ ସମସ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଫେରି ଆସିଥିଲା ବେଳେ ନାୟଡୁ କମିଶନଙ୍କ ରିପୋର୍ଟ ଫେରି ନାହିଁ । ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଏହି କମିଶନରର ରିପୋର୍ଟ ହଜିଛି ଓ ସରକାରୀ ରେକର୍ଡରେ ନାହିଁ । କିଏ ରିପୋର୍ଟ ହଜାଇଛି ତାହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ , ହେଲେ ତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରିପୋର୍ଟ ସାର୍ବଜନୀନ ହେବା ଦ୍ୱାରା ଯେଉଁ ମାନଙ୍କର କଳା କାରନାମା ପଦାକୁ ଆସି ଯିବାର ଭୟ ଥିଲା, ଅର୍ଥାତ କେଉଁ ମାନେ ଏହି ଦସ୍ତାବେଜକୁ ହଜାଇବା ପଛରେ ବଡ଼ ଶକ୍ତି ସେମାନଙ୍କୁ ଚିହ୍ନଟ କରିବା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବିଚାର ବିଭାଗୀୟ ଜାଂଚ ରିପୋର୍ଟ ହଜି ଯିବା ପଛର କାରଣ କଣ ହୋଇ ପାରେ ? ଏହି ରିପୋର୍ଟରେ ଏପରି କଣ ରହିଥିଲା ଯେ କାହା ପାଇଁ ଏହି ରିପୋର୍ଟ ବିପଦଜନକ ହୋଇ ପଡିଥିଲା ? ରିପୋର୍ଟ ସାର୍ବଜନୀନ ହେଲେ କାହାର ମୁଖା ଖୋଲି ଯିବାର ଭୟ ଥିଲା ? ଯଦି ଏହି ଦିଗରେ ଚିନ୍ତା କରା ଯାଏ ତେବେ ଆମେ ଏହା ପଛରେ କେଉଁ ଶକ୍ତି ମାନେ ରହିଛନ୍ତି ସେ ବିଷୟରେ ଜାଣି ପାରିବା । ଏହି ରିପୋର୍ଟକୁ ଗାୟବ କରିବା ପଛରେ ଯେଉଁ ଶକ୍ତି ମାନେ ଅଛନ୍ତି ସେମାନେ ନାୟଡୁ କମିଶନଙ୍କ ରିପୋର୍ଟ ସହ ପ୍ରଥମ ଥର ପାଇଁ ଏପରି କରୁଛନ୍ତି ବୋଲି ଭାବିବା ଭୁଲ । ସେମାନେ ପୂର୍ବରୁ ମଧ ଏପରି କାମ କରି ସାରିଛନ୍ତି । ଏହି ଲେଖାରେ ସେ ବିଷୟରେ ଆଲୋଚନା କରିବା । ଖ୍ରୀଷ୍ଟିଆନ ମିଶନାରୀ ମାନଙ୍କର କାର୍ଯ୍ୟକଳାପ ସନ୍ଦିଗ୍ଧ ଓ ଏହା ଦ୍ୱାରା ଜାତୀୟ ସୁରକ୍ଷା ବିପନ୍ନ ହେବାର ଆଶଙ୍କା ଥିବାରୁ ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟ ପ୍ରଦେଶ ସରକାରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରବିଶଙ୍କର ଶୁକ୍ଳ ଜଷ୍ଟିସ ଭବାନୀ ଶଙ୍କର ନିୟୋଗୀଙ୍କ ଅଧ୍ୟକ୍ଷତାରେ ଏକ ନ୍ୟାୟିକ କମିଶନ ଗଠନ କରିଥିଲେ । ଏହି କମିଶନରେ ଜଣେ ଖ୍ରିଷ୍ଟିଆନ ସଦସ୍ୟ ଥିଲେ । ନିୟୋଗୀ କମିଶନ ମୋଟ ୧୧,୩୬୦ ଜଣ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ , ୭୦୦ଟି ଭିନ୍ନ ଭିନ୍ନ ଗ୍ରାମର ଲୋକଙ୍କୁ ଦେଖା କରି ସେମାନଙ୍କର ସାକ୍ଷାତକାର ନେଇଥିଲେ । କମିଶନ ୧୪ଟି ଜିଲ୍ଲାରେ ଥିବା ହସ୍ପିଟାଲ, ବିଦ୍ୟାଳୟ, ଚର୍ଚ୍ଚ ଏବଂ ଅନ୍ୟାନ୍ୟ ସଂସ୍ଥା ପରିଦର୍ଶନ କରିଥିଲା । ଏହା ସହିତ ସେ ବିଭିନ୍ନ ଅଂଚଳ ଗସ୍ତ କରି ଏମିତି କିଛି ସାକ୍ଷୀଙ୍କ ସହ ଆଲୋଚନା କରିଥିଲା କମିଶନ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, "ଅଣ-ଖ୍ରୀଷ୍ଟିଆନ ମାନଙ୍କ ପକ୍ଷରୁ ସାଧାରଣ ଅଭିଯୋଗ ଥିଲା ଯେ ଚର୍ଚ୍ଚ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଏବଂ ହସ୍ପିଟାଲଗୁଡ଼ିକୁ ନିରିହ ଲୋକ ମାନଙ୍କୁ କନଭର୍ଟ କରିବାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଉଛି ।" ରିପୋର୍ଟରେ ଆହୁରି ମଧ କୁହାଯାଇଥିଲା ଯେ, ବିଶେଷକରି ରୋମାନ କାଥଲିକ ମିଶନଗୁଡ଼ିକ ଋଣ ପ୍ରଦାନ ବ୍ୟବସ୍ଥାକୁ କନଭର୍ସନ ପାଇଁ ଏ କ ଉପାୟ ଭାବେ ବ୍ୟବହାର କରୁଥିଲେ । ଅଭିଯୋଗ ଅନୁସାରେ, ଲୋକମାନଙ୍କୁ ଋଣ ଦିଆଯାଉଥିଲା ଏବଂ ଯଦି ଋଣଗ୍ରାହୀ ଖ୍ରୀଷ୍ଟ ଧର୍ମ ଗ୍ରହଣ କରୁଥିଲେ, ତେବେ ସେହି ଋଣକୁ ମାଫ କରି ଦିଆଯାଉଥିଲା । ନିୟୋଗୀ କମିଶନ ଜାଂଚ କରିବା ପରେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ସରକାରଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରାଯାଇଥିଲା । ତେବେ ସ୍ଥାନ ଅଭାବ କାରଣରୁ ଏଥିରୁ ଅଳ୍ପ କିଛି ସୁପାରିଶ ସମ୍ପର୍କରେ ଏଠାରେ ଉଲ୍ଲେଖ କରିବା । କମିଶନ ସୁପାରିଶ କରିଥିଲେ ଯେ, ଯେଉଁ ମିଶନାରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଖ୍ରିଷ୍ଟିଆନିଟିର ପ୍ରଚାର ଓ କନଭର୍ଜନ (ପ୍ରୋସେଲିଟାଇଜେସନ) ଅଟେ, ସେମାନଙ୍କୁ ଭାରତ ଛାଡ଼ିବାକୁ କୁହାଯାଉ ଏବଂ ବହୁ ପରିମାଣରେ ବିଦେଶୀ ମିଶନାରୀମାନଙ୍କ ଆଗମନ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ଲାଗୁ କରାଯାଉ । ଚିକିତ୍ସା ସେବା ଏବଂ ଅନ୍ୟାନ୍ୟ ବୃତିଗତ ସେବାଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ କନଭର୍ସନର ମାଧ୍ୟମ ଭାବେ ବ୍ୟବହାର କରିବା ଉପରେ ଆଇନ ଦ୍ୱାରା ନିଷେଧାଜ୍ଞା ଲାଗୁ କରାଯାଉ । ବଳପ୍ରୟୋଗ, ଠକେଇ, ପ୍ରଲୋଭନ କିମ୍ବା ଭୌତିକ ଲାଭ ଦେଖାଇ ଧର୍ମାନ୍ତରଣ କରିବାର ପ୍ରୟାସ ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରାଯାଉ । ଏହା ସହିତ, କୌଣସି ବ୍ୟକ୍ତିଙ୍କର ଅନଭିଜ୍ଞତା, ବିଶ୍ୱାସ, ଆଧ୍ୟାତ୍ମିକ ଦୁର୍ବଳତା କିମ୍ବା ଅସାବଧାନତାର ସୁଯୋଗ ନେଇ, ତାଙ୍କର ଧାର୍ମିକ ଚେତନାରେ ହସ୍ତକ୍ଷେପ କରି ତାଙ୍କ ଆସ୍ଥାକୁ ସଚେତନ ଭାବରେ ପରିବର୍ତ୍ତନ କରିବାର ପ୍ରୟାସକୁ ମଧ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରାଯାଉ । ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ବିନା ଧାର୍ମିକ ପ୍ରଚାର-ପ୍ରସାର ଉଦ୍ଦେଶ୍ୟରେ ପ୍ରକାଶିତ ସାହିତ୍ୟର ବିତରଣ ଏବଂ ପ୍ରଚାର ଉପରେ ନିଷେଧାଜ୍ଞା ଲାଗୁ କରାଯାଉ । ତେବେ ବର୍ତମାନ ମୂଳ ବିଷୟକୁ ଆସିବା । ପ୍ରସିଦ୍ଧ ଲେଖକ ସୀତାରାମ ଗୋୟଲ ହେଉଛନ୍ତି ଭଏସ ଇଂଡିଆ ପ୍ରକାଶନ ସଂସ୍ଥାର ମୁଖ୍ୟ । ନିୟୋଗୀ କମିଶନର ରିପୋର୍ଟରେ ଯେଉଁ ମାନଙ୍କର କଳା କାରନାମାର ପର୍ଦାଫାସ ହୋଇଥିଲା ସେମାନେ କଣ କରି ପାରନ୍ତି ସେ ସମ୍ପର୍କରେ ସ୍ୱୟଂ ସୀତାରାମ ଗୋଏଲ ନିଜେ ଲେଖିଛନ୍ତି । ନିୟୋଗୀ କମିଶନର ରିପୋର୍ଟକୁ ଭଏସ ଅଫ ଇଂଡିଆ ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରକାଶିତ କରାଯାଇଛି ଓ ଏହାର ମୁଖବନ୍ଧ ସ୍ୱୟଂ ସୀତାରାମ ଗୋଏଲ ଲେଖିଛନ୍ତି । ପୁସ୍ତକର ନାମ ହେଲା, ଭିଣ୍ଡିକେଟେଡ ବାଇ ଟାଇମ, ଦି ନିୟୋଗି କମିଟି ରିପୋର୍ଟ ଅନ ଖ୍ରିଷ୍ଟିଆନ ଆକ୍ଟିଭିଟିଜ । ଏହାର ମୁଖବନ୍ଧରେ ସୀତାରାମ ଗୋଏଲ ଯାହା ଲେଖିଛନ୍ତି ତାକୁ ଏଠାରେ ଉଦ୍ଧୃତ କରାଯାଉଛି ।

" ୧୯୮୨ ମସିହାର ଗ୍ରୀଷ୍ମ କାଳର କଥା । ସେତେବେଳେ ମୁଁ ଭଏସ ଇଂଡିଆ ପ୍ରକାଶନ ସଂସ୍ଥା ଆରମ୍ଭ କରିଥାଏ । ସକାଳୁ ସକାଳୁ ମୋର ନୂଆଦିଲ୍ଲୀ ସ୍ଥିତ ଅଫିସରେ ଜଣେ ବୟସ୍କ ଓ ସ୍ୱଷ୍ଟ ଭାବେ ଅସୁସ୍ଥ ଦେଖା ଯାଉଥିବା ଜଣେ ସନ୍ୟାସୀ ଆସି ପହଂଚିଲେ । ସେ ଆନ୍ଧ୍ର ପ୍ରଦେଶର କୌଣସି ସ୍ଥାନରୁ ( ଯାହାର ନାମ ମୋର ମନେ ନାହିଁ) ରୁ ଆସି ଥିଲେ । କେହି ତାଙ୍କୁ ମୋର ପୁସ୍ତକ ହିନ୍ଦୁ ସୋସାଇଟି ଅଣ୍ଡର ସିଜ ଦେଇଥିଲେ । ସେଥିରେ ପ୍ରକାଶିତ ରେସିଡ୍ୟୁଜ ଅଫ ଖ୍ରୀଷ୍ଟିଆନିଜମ ଅଧ୍ୟାୟ ପଢିବା ପରେ ସେ ଏହି ନିଷ୍କର୍ଷରେ ପହଂଚିଥିଲେ ଯେ ମୁଁ ହିଁ ହେଉଛି ସେହି ବ୍ୟକ୍ତି ଯାହାଙ୍କୁ ସେ ଦୀର୍ଘ ଦିନ ଧରି ଖୋଜୁଥିଲେ । ସେ ତାଙ୍କର ପରିଚୟ ବାବା ମାଧବ ଦାସ ଭାବେ ଦେଲେ ଓ ମୋଟ ଟେବୁଲରେ ତାଙ୍କ ଦ୍ୱାରା ପ୍ରକାଶିତ ନିୟୋଗୀ କମିଶନଙ୍କ ରିପୋର୍ଟର ସାରାଂଶର ଇଂରାଜୀ ଓ ହିନ୍ଦୀ କପି ରଖି ଦେଲେ । " ସେ ମୋତେ କହିଲେ, ସରକାରୀ ଦୋକାନ ମାନଙ୍କରେ ନିୟୋଗୀ କମିଶନଙ୍କ ରିପୋର୍ଟ ଆଉ ଉପଲବ୍ଧ ନାହିଁ, କାରଣ ଖ୍ରୀଷ୍ଟିଆନ ମିଶନାରୀ ମାନେ ସରକାରୀ ଦୋକାନରେ ଥିବା ଏହି କମିଶନର ରିପୋର୍ଟର କପି ଗୁଡିକ ଖରିଦ କରି ତାଙ୍କୁ ନଷ୍ଟ କରି ଦେଇଛନ୍ତି । ଲାଇବ୍ରେରୀ ମାନଙ୍କରେ ମଧ ଏହାର କପି କାଁଭାଁ ମିଳୁଛି ସ କାରଣ ମିଶନାରୀ ମାନେ ଏହା ସୁନିଶ୍ଚିତ କରିଛନ୍ତି ଯେ ଉକ୍ତ ରିପୋର୍ଟର କପିକୁ ଲାଇବ୍ରେରୀରୁ ହଟାଇ ଦିଆଯାଉ କିମ୍ବା ତାକୁ ନେବା ପରେ ପୁଣି ଫେରା ନ ଯାଉ । " ବାବା ମାଧବ ଦାସ ଚାହୁଁଥିଲେ ଯେ ନିୟୋଗୀ କମିଶନର ରିପୋର୍ଟକୁ ସମସ୍ତେ ପଢନ୍ତୁ ଓ ଏହା ଦ୍ୱାରା ଭାରତୀୟ ମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହେଉ । ହେଲେ ଖ୍ରୀଷ୍ଟିଆନ ମିଶନାରୀ ମାନେ ସୁନିୟୋଜିତ ଭାବେ ଏହି ରିପୋର୍ଟକୁ ପବ୍ଲିକ ଡୋମେନରେ ଉପଲବ୍ଧ କରାଇ ନ ଦେବା କାରଣରୁ ସେ ଦୁଃଖୀ ଥିଲେ । ସେ ଚାହୁଁଥିଲେ ଭଏସ ଅଫ ଇଣ୍ଡିଆ ନିୟୋଗୀ କମିଶନର ରିପୋର୍ଟକୁ ପ୍ରକାଶିତ କରୁ ଯଦ୍ୱାରା ମିଶନାରୀ ମାନଙ୍କର କଳାକାରନାମା ବିଷୟରେ ଲୋକ ମାନେ ଅବଗତ ହେବେ । ସୀତାରାମ ଗୋଏଲ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଥିବା ଏହି ପ୍ରସଙ୍ଗରୁ ଆମେ ଜାଣି ପାରିବା ଯେ ନାଇଡୁ କମିଶନଙ୍କ ରିପୋର୍ଟ ହଜିବା ପଛରେ ଷଡଯନ୍ତ୍ରକାରୀ କିଏ ? କିଏ ଏପରି କାମ ଆଗରୁ କରି ଆସୁଛି । ବାବା ମାଧବ ଦାସଙ୍କ ପୀଡା କାରଣରୁ ଆମେ ଆଜି ନିୟୋଗୀ କମିଶନର ରିପୋର୍ଟକୁ ପଢି ପାରୁଛନ୍ତି । ସେ ସୁଦୂର ଆନ୍ଧ୍ରରୁ ଆସି ସୀତାରାମ ଗୋଏଲଙ୍କୁ ଏ ବିଷୟରେ ନ କହିଥିଲେ ହୁଏତ ଏହି କମିଶନର ରିପୋର୍ଟ ଦୁର୍ଲଭ ହୋଇଥାନ୍ତା । ହେଲେ ନାୟଡୁ କମିଶନଙ୍କ ରିପୋର୍ଟକୁ ତ ସାର୍ବଜନୀନ ହେବା ପୂର୍ବରୁ ହିଁ ହଜାଇ ଦିଆଯାଇଛି । ତେବେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଠାରୁ ପ୍ରେରଣା ନେଇ କାମ କରୁଥିବା ଲୋକ ମାନଙ୍କୁ ବାବା ମାଧବ ଦାସ ସାଜିବାକୁ ପଡିବ । ସେମାନଙ୍କ ଦାୟିତ୍ୱ ହେଲା ଯେ ଏହି ରିପୋର୍ଟକୁ ଖୋଜିବା ସହ ସାର୍ବଜନୀନ ହେଉ, ଏହା ସୁନିଶ୍ଚିତ କରନ୍ତୁ । ଏପରି ହେଲେ କନଭର୍ଜନ କାର୍ଯ୍ୟରେ ଲିପ୍ତ ସଂସ୍ଥା ମାନଙ୍କ ସମ୍ପର୍କରେ ଜନ ଜାଗରଣ ହୋଇ ପାରିବ ।

## ଭାରତର ଅତୀତ, ବର୍ତମାନ ଏବଂ ଭବିଷ୍ୟତ

◆ ଇଂ ଭରତ ଚନ୍ଦ୍ର ଦାସ

କୌଣସି ଦେଶ ବା ରାଜ୍ୟର ଉତ୍ଥାନ ଏବଂ ବିକାଶ ପାଇଁ ଏହାର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତାର ସୁରକ୍ଷା ଅପରିହାର୍ଯ୍ୟ ! ଜ୍ଞାନଭିତିକ ସାମରୀକ ଶକ୍ତି ଏବଂ ଏକତା (Wisdom Based Power And Unity) ଏଥିପାଇଁ ଜରୁରୀ । ସୁଶାସନ ଦ୍ୱାରା ଶିକ୍ଷିତ ଏବଂ ପ୍ରଶିକ୍ଷିତ ମାନବ ସମ୍ବଳର ବିକାଶ ଏବଂ ଏହାର ସୁପରିଚାଳନା ହିଁ ବିକାଶର ମୂଳମନ୍ତ୍ର । ଏ କ୍ଷେତ୍ରରେ ଦେଶର ତଥା ସମ୍ପୃକ୍ତ ରାଜ୍ୟମାନଙ୍କର ଶୀର୍ଷ ନେତୃତର ରହିଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା । ବିଶ୍ୱ ମାନବ ସମାଜର ଇତିହାସ ସୂଚାଇ ଥାଏ ଯେ, ଯେଉଁ ଦେଶ ବା ରାଜ୍ୟ ନିଜର ଅଖଣ୍ଡତା, ସ୍ୱାଧୀନତା ଏବଂ ସାର୍ବଭୌମତ୍ୱର ସୁରକ୍ଷା କରିନପାରିନଥାଏ, ଏହା ନିଜର ଅର୍ଥନୀତି, ଭାଷା, ସଂସ୍କୃତି, ଧର୍ମ, ଦର୍ଶନ ଏପରିକି ନିଜର ଗୌରବମୟ ଐତିହାସିକ ପରିଚୟ ପ୍ରଭୃତି ସବୁକିଛି ହରାଇଥାଏ । ଏହାର ଜନସାଧାରଣ, ଶୋଷିତ, ନିର୍ଯ୍ୟତିତ ଏବଂ ଅତ୍ୟାଚାରୀତ ହେବା ସହିତ ଅଶିକ୍ଷା ଏବଂ ଦାରିଦ୍ର୍ୟର ଅନ୍ଧକାରରେ ନିଜର ଆତ୍ମସତା ବା ଅସ୍ମିତା ସହିତ ସମ୍ପୃକ୍ତ ଦେଶ ବା ରାଜ୍ୟର ସ୍ୱାଭିମାନ ମଧ ବିଲୁପ୍ତ ହୋଇଯାଇଥାଏ । ଅନ୍ୟୁନ ଖ୍ରୀ.ପୂ.୧୫୦୦୦ ଠାରୁ ୫୦୦୦ ପର୍ଯ୍ୟନ୍ତ ବିକାଶ ମାର୍ଗରେ ଅତି ପ୍ରାଚୀନ ଯୁଗର ବୈଦିକ ସଭ୍ୟତା ସହିତ 'ସ୍ୱର୍ଣ୍ଣପ୍ରସୁ ଭାରତ' ଥିଲା ବିଶ୍ୱର ବିଭିନ୍ନ ଦେଶମାନଙ୍କର ଧର୍ମ, ଦର୍ଶନ, ସଂସ୍କୃତି ଏପରିକି ମୁଖ୍ୟ ଭାଷାମାନଙ୍କ ଉଦ୍‌ଗମ ଭୂମି । 'ଗଣତନ୍ତ୍ରର ଜନ୍ମଭୂମି' ଏହି ଭାରତରେ କାଳକ୍ରମେ ରାଜତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରଚଳିତ ହୋଇଥିଲା । ଶକ୍ତିଶାଳୀ ଏବଂ ମହାନ୍ ସମ୍ରାଟମାନଙ୍କ ଦ୍ୱାରା ହଜାର ହଜାର ବର୍ଷଧରି ଏ ଦେଶର ସ୍ୱାଧିନତା ସୁରକ୍ଷିତ ଥିଲା । ବରଂ ଅନ୍ୟ ଦେଶମାନଙ୍କରେ ଭାରତ ପ୍ରଭାବ ବିସ୍ତାର କରିଥିଲା । ଖ୍ରୀ.ପୂ. ୧୦୦ ସମୟର କଳିଙ୍ଗ ସମ୍ରାଟ ଖାରବେଳ ଥିଲେ ଏହାର ଏକ ଜ୍ୱଳନ୍ତ ଉଦାହରଣ । ତାଙ୍କର ଖଣ୍ଡଗିରି ଉଦୟଗିରିସ୍ଥ ହାତୀଗୁମ୍ଫା ଶିଳାଲେଖାର ଇତିହାସ ଏହାର ଅକାଟ୍ୟ ପ୍ରମାଣ ! ମାତ୍ର ସପ୍ତଦଶ ଶତାବ୍ଦୀରେ ଖ୍ରୀ. ପୂ.୬୪୭ ପରଠାରୁ ଭାରତର ଶୀର୍ଷ ନେତୃତ୍ୱରେ ରହୁଥିବା ସୁଯୋଗ୍ୟ ସର୍ବଭାରତୀୟ ସମ୍ରାଟଙ୍କ ଶୂନ୍ୟତା ସହିତ ଏ ଦୋରେ ଆବିର୍ଭାବ ହୋଇଥିବା ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟମାନଙ୍କର ରାଜାମାନଙ୍କ ମଧ୍ୟରେ ଏକତା ପରିବର୍ତେ ପରସ୍ପର ମଧ୍ୟରେ ଈର୍ଷା, ଦ୍ୱନ୍ଦ ଏବଂ ସଂଘର୍ଷ ପାଇଁ ଏ ଦେଶ ଖ୍ରୀ.୧୨୦୬ ଠାରୁ ଖ୍ରୀ.୧୭୫୭ ପର୍ଯ୍ୟନ୍ତ ସୁଦୀର୍ଘ ୫୫୦ବର୍ଷ ଧରି ବିଦେଶୀ ମୁସଲମାନ ଶାସକମାନଙ୍କ ଦ୍ୱାରା ଅଧିକୃତ ହୋଇ କୁଶାସନ ଏବଂ ଅରାଜକତାର ଘୋର ଦୁର୍ଦ୍ଦଶାମାନ ଭୋଗିଛି । ଏହାର କୁପରିଣାମ ଆଜି ମଧ ଭୋଗିବାକୁ ହେଉଛି । ତେବେ ଭାରତର ଏକମାତ୍ର ରାଜ୍ୟ ରୂପେ ସମସାମୟିକ ବିଶାଳ ଓଡ଼ିଶା, ବିଦେଶୀ ମୁସଲମାନ ଶାସକମାନଙ୍କୁ ବହୁ ସମ୍ମୁଖ ଯୁଦ୍ଧମାନଙ୍କରେ ପରାସ୍ତ, ପ୍ରତିହତ ଏବଂ ଭୀତତ୍ରସ୍ତ କରି ଖ୍ରୀ.୧୫୬୮ ପର୍ଯ୍ୟନ୍ତ ସୁଦୀର୍ଘ ୩୬୨ ବର୍ଷଧରି ନିଜର ସ୍ୱାଧୀନତାକୁ ସ୍ୱଗର୍ବରେ ବଜାୟ ରଖିପାରିଥିଲେ ମଧ ଭାରତର ଭାଗ୍ୟ ସହିତ ଯୋଡିହୋଇ ଖ୍ରୀ.୧୫୬୮ ରେ ନିଜର ସ୍ୱାଧୀନତା ହରାଇଥିଲା ପୁନଶ୍ଚ, ଉପରୋକ୍ତ କାରଣ ପାଇଁ, ଏ ଦେଶକୁ ବ୍ୟବସାୟ ନିମନ୍ତେ ଆସିଥିବା ବିଦେଶୀ ଇଂରୋଜମାନେ ଖ୍ରୀ.୧୭୫୭ରେ ପ୍ରଥମେ ବଙ୍ଗ ଏବଂ ବିହାର ଅଧିକାର କରି କ୍ରମେ ସମଗ୍ର ଭାରତରେ ଖ୍ରୀ.୧୯୪୭ ପର୍ଯ୍ୟନ୍ତ ସେମାନେ ଶୋଷଣଭିତିକ ଶାସନ ଚଳାଇଥିଲେ । ଏଣୁ ସମୁଦାୟ ପ୍ରାୟ ୭୫୦ ବର୍ଷର ପରାଧିନତା ମଧ୍ୟରେ ସ୍ୱର୍ଣ୍ଣପ୍ରସୁ ଭାରତ ଏକ ଅଶିକ୍ଷା ଏବଂ ଉତ୍କଟ ଦାରିଦ୍ର୍ୟ ପ୍ରପୀଡିତ ଦେଶ ହୋଇଯାଇଥିଲା । ଏକ ଅର୍ଥନୈତିକ ଆକଳନ ଅନୁଯାୟୀ, ପରାଧୀନତା ପୂର୍ବରୁ ଭାରତର ଜି.ଡି.ପି. ସମୁଦାୟ ବିଶ୍ୱ ଜିଡିପିର ୩୩% ଥିବା ବେଳେ ଉପରୋକ୍ତ ବିଦେଶୀ ମୁସଲମାନ ଶାସନରେ ଏହା ୧୮%କୁ ଖସି ଆସିଥିଲା ଏବଂ ଇଂରୋଜ ଶାସନ କାଳରେ ଏହା ଆହୁରି ତଳକୁ ଖସି ୩% ମାତ୍ର ହୋଇଥିଲା ! ଖ୍ରୀ. ୧୪୦୦ ଠାରୁ ବିଶ୍ୱର ଇଉରୋପୀୟ



ଦେଶମାନଙ୍କରେ ବିଜ୍ଞାନ, ଶିକ୍ଷା ଏବଂ ସାଂସ୍କୃତିକ ପୂନର୍ଜାଗରଣର (ରିନାସାଁ) ଯୁଗ ଆରମ୍ଭ ହୋଇଥିଲା । ଖ୍ରୀ.୧୫୦୦ ଠାରୁ ୧୮୨୫ ମଧ୍ୟରେ ଇଉରୋପୀୟ ନାବିକମାନେ ଜଳଯାତ୍ରାକରି ବିଭିନ୍ନ ଦେଶମାନଙ୍କର ବାଣିଜ୍ୟ ବ୍ୟବସାୟ କରିବା ସହିତ ଉପନିବେଶ ସ୍ଥାପନକରି ସାମ୍ରାଜ୍ୟ ବିସ୍ତାର କରିଥିଲେ । (ଯଦିଓ ଏହାର ଅନ୍ୟୁନ ୧୦୦୦ ବର୍ଷ ପୂର୍ବରୁ କଳିଙ୍ଗ ନାମରେ ପ୍ରାଚୀନ ଓଡ଼ିଶା ସାମୁଦ୍ରିକ ନୌବାଣିଜ୍ୟ ଦ୍ୱାରା ବିଶ୍ୱପ୍ରସିଦ୍ଧ ହୋଇଥିଲା ।) ଖ୍ରୀ. ୧୭୭୦ ଠାରୁ ୧୮୨୫ ମଧ୍ୟରେ ଇଉରୋପୀୟ ଦେଶମାନଙ୍କରେ ବିଶେଷଭାବେ ଇଂଲଣ୍ଡରେ ଯାନ୍ତ୍ରିକ ଶିଳ୍ପର ବିକାଶ ବା 'ଶିଳ୍ପ ବିପ୍ଳବ' ଘଟିତ ହୋଇଥିଲା । ଫଳରେ ଖ୍ରୀ,୧୬୦୦ ପର୍ଯ୍ୟନ୍ତ ଏକ କ୍ଷୁଦ୍ର ଏବଂ ନଗଣ୍ୟଦେଶ ଇଂଲଣ୍ଡ ବିଶାଳ ଭାରତକୁ ଅଧିକାର କରି ଶାସନ କରିବାକୁ ସକ୍ଷମ ହୋଇଥିଲା । ତେବେ, ଉପରୋକ୍ତ କାଳଖଣ୍ଡରେ ଭାରତ ପରାଧୀନତାର ଅନ୍ଧକାର ମଧ୍ୟରେ ରହିଥିଲେ ମଧ ଉନ୍ନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେଏ ଦେଶରେ 'ଜାତୀୟ ଜାଗରଣ'ର ସୂତ୍ରପାତ ହୋଇଥିଲା । ଖ୍ରୀ.୧୯୧୫ ଠାରୁ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଏହା ଦେଶବ୍ୟାପୀ ଅହିଂସାମାର୍ଗୀ ସ୍ୱାଧୀନତା ଆନ୍ଦୋଳନର ରୂପ ନେଇଥିଲା । ଯଦିଓ, ବହୁଦେଶପ୍ରେମୀ ଯୁବାବର୍ଗ ଶସ୍ତ୍ରଧାରଣ କରି ସ୍ୱାଧୀନତା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ୧୯୪୩ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ଆଜାଦ୍ ହିନ୍ଦ୍ ଫୌଜ୍' ଗଠନକରି ଦିଲ୍ଲୀ ଅଭିଯାନ କରିଥିଲେ । ମାତ୍ର ପରିବର୍ତିତ ବିଶ୍ୱରେ ରାଜନୈତିକ ପରିସ୍ଥିତି ପାଇଁ ଏହା ସଫଳ ହୋଇପାରିନଥିଲା । ଶେଷରେ ମହାତ୍ମଗାନ୍ଧୀଙ୍କ ଅହିଂସାଭିତିକ ଆନ୍ଦୋଳନ ମାର୍ଗରେ ଦେଶର ବହୁ ମହାନ ଜନନାୟକମାନଙ୍କ ତ୍ୟାଗପୂତ ନେତୃତ୍ୱରେ ଦେଶର ସମସ୍ତ ପ୍ରାନ୍ତରେ ଅଗଣିତ ନରନାରୀ ବ୍ରିଟିଶମାନଙ୍କ ଦମନକାରୀ ଲାଠି, ଗୁଳି,ଫାଶୀ, ଜେଲଯନ୍ତ୍ରଣାକୁ ଖାତିରନକରି ଦେଶମାତୃକାର ସ୍ୱାଧୀନତା ପାଇଁ ପ୍ରାଣବଳୀ ଦେଇମଧ ସହିଦ ହୋଇ ଏହି ସଂଗ୍ରାମକୁ ଜାରି ରଖିଥିଲେ ଏବଂ ୧୫ ଅଗଷ୍ଟ ୧୯୪୭ରେ ଏ ଦେଶ ସ୍ୱାଧୀନତା ଲାଭ କରିଥିଲା । ମାତ୍ର ହିନ୍ଦୁ, ମୁସଲମାନ ଧର୍ମ ଆଧାରରେ ବ୍ୟାପକ ହିଂସା ପାଇଁ ଦୁର୍ଭାଗ୍ୟଜନକ ଭାବେ ଭାରତର ବିଭାଜନ ଘଟି ପଶ୍ଚିମ ପାକିସ୍ଥାନ ଏବଂ ପୂର୍ବ ପାକିସ୍ଥାନ ଭାରତରୁ ଅଲଗା ହୋଇଗଲେ । ମହାତ୍ମା ଗାନ୍ଧୀଙ୍କ ଅହିଂସାନୀତି ଏହାକୁ ରୋକି ପାରିନଥିଲା ! ସମସାମୟିକ ବିଶ୍ୱରେ ଘଟୁଥିଲା ଦ୍ରୁତ ପରିବର୍ତନ । ଖ୍ରୀ.୧୭୮୩ରେ ଆମେରିକାରେ ସ୍ୱାଧୀନତା ସଂଗ୍ରାମ ଘଟି ଏ ଦେଶରେ ଜନ୍ମ, ଖ୍ରୀ.୧୭୮୯ରେ ଫ୍ରାନ୍ସର ଅଭ୍ୟୁଥାନ, ଖ୍ରୀ. ୧୮୬୧ରେ ସ୍ୱତନ୍ତ୍ର ଇଟାଲୀ ରାଷ୍ଟ୍ରଗଠନ, ଖ୍ରୀ.୧୮୭୧ରେ ଶକ୍ତିଶାଳୀ ଜର୍ମାନ ଦେଶର ଅଭ୍ୟୁଦୟ, ଖ୍ରୀ ୧୮୪୮ରେ ଦାର୍ଶନିକ କାର୍ଲମାର୍କସ ଏବଂ ତାଙ୍କ ବନ୍ଧୁ ଏଲୋଙ୍କ 'କମ୍ୟୁନିଷ୍ଟ ମେନିଫେଷ୍ଟୋ' ଏବଂ ୧୮୬୭ରେ କାର୍ଲମାର୍କସଙ୍କ 'ଦାସ୍ କ୍ୟାପିଟାଲ' ପୁସ୍ତକର ସାମ୍ୟବାଦ ଚେତନାର ପ୍ରଭାବରେ ଖ୍ରୀ. ୧୯୧୭ରେ ରୁଷ ବିପ୍ଳବ ଦ୍ୱାରା ସୋଭିଏତ୍ ଦେଶଗଠନ, ଖ୍ରୀ.୧୯୧୪ ଠାରୁ ୧୯୧୮ ପର୍ଯ୍ୟନ୍ତ ୧ମ ବିଶ୍ୱଯୁଦ୍ଧ, ଖ୍ରୀ ୧୯୩୯ ଠାରୁ ଆରମ୍ଭ ହୋଇ ଖ୍ରୀ ୧୯୪୫ରେ ଆମେରିକାର ଜାପାନ ଉପରେ ପରମାଣୁ ବୋମା ବିସ୍ଫୋରଣ ସହିତ ଦ୍ୱିତିୟ ବିଶ୍ୱଯୁଦ୍ଧର ଅବସାନ ପରେ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ନୂତନ ବିଶ୍ୱବ୍ୟବସ୍ଥାର ଅଭ୍ୟୁଦୟ ଏବଂ ମିଳିତ ଜାତିସଂଘର ପ୍ରତିଷ୍ଠା ପ୍ରଭୃତି ଥିଲା ଏକଛତ୍ରବାଦ ଉପନିବେଶ ବାଦ ଏବଂ ସାମ୍ରାଜ୍ୟବାଦ ବା ବିସ୍ତାରବାଦ ବିରୁଦ୍ଧରେ ବିଶ୍ୱ ଜନମତ ବା ଜାଗ୍ରତ ବିଶ୍ୱମାନବ ଚେତନାର ପ୍ରତିଫଳନ । ଏସବୁର ପ୍ରଭାବ ଇଂରେଜମାନଙ୍କୁ ଭାରତ ଛାଡିବାକୁ ମଧ ବାଧ କରିଥିଲା ! ଉଲ୍ଲେଖନୀୟ ଯେ ୧ ଅକ୍ଟୋବର ୧୯୪୯ରେ ଚୀନଦେଶ ଇଂଲଣ୍ଡ ସମେତ ବିଭିନ୍ନ ବୈଦେଶିକ ଶକ୍ତି ପ୍ରଭାବରୁ ଏକ ଗୃହଯୁଦ୍ଧ ଦ୍ୱାରା ମୁକ୍ତହୋଇ ସାମ୍ୟବାଦୀ ରାଷ୍ଟ୍ରରୂପେ (ଚଜଉ) ମୁକ୍ତିଲାଭ କରିଥିଲା । ଚୀନ୍ ଆଜି ବିଶ୍ୱର ଦ୍ୱିତୀୟ ବୃହତମ ଶକ୍ତିରୂପେ ଉଭା ହୋଇଅଛି । ବିଗତ ୭୭ ବର୍ଷ ମଧ୍ୟରେ ତୁଳନାତ୍ମକ ଭାବେ ଭାରତ ଶୀର୍ଷନେତୃତ୍ୱରେ ଦୁର୍ବଳତା ଏବଂ ଦୁର୍ନିତି, ଭ୍ରଷ୍ଟାଚର ଏବଂ ମହାଦୁର୍ନୀତିମାନ ପାଇଁ ଅନୁରୂପଭାବେ ବିକଶିତ ହୋଇନଥିଲେ ମଧ ୨୦୧୪ ପରଠାରୁ ବହୁ ସୁଧାର ସହିତ ବିଗତ ୧୦ ବର୍ଷ ମଧ୍ୟରେ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଏ ଦେଶ ବିଶ୍ୱର ୪ର୍ଥ ବୃହତମ ଅର୍ଥନୀତିର ଦେଶ ହୋଇପାରିଛି । (ଯଦିଓ, ୨୦୧୩ରେ ଭାରତ ୧୦ମ ସ୍ଥାନରେ ଥିଲା । ଆଜିର ଜଗତୀକରଣର ବିଶ୍ୱ ଅର୍ଥନୀତିର ଯୁଗରେ ପ୍ରାୟ ୧୪୦ କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ଭବିଷ୍ୟତ ପାଇଁ ଏହାର ଶୀର୍ଷ ନେତୃତ୍ୱର ରହିଛି ସବୁଠାରୁ ଗୁରୁଦାୟିତ୍ୱ ! ତେବେ, ସମସ୍ତ ଦଳୀୟ ରାଜନୀତି ଏବଂ ମତାମତର ଉର୍ଦ୍ଧ୍ୱରେ ଏହା ସର୍ବସ୍ୱୀକାର୍ଯ୍ୟ ଯେ, ଦେଶକୁ ଏବଂ ଦେଶର ସମସ୍ତ ଜନସାଧାରଣଙ୍କୁ ବାସ୍ତବିକ ଭଲ ପାଉଥିବା ଏବଂ ସେମାନଙ୍କ ସାମଗ୍ରୀକ ବିକାଶ ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିବା ନିରଳସ, ନିର୍ଲୋଭ ଏବଂ ନିର୍ଭୀକ ହୋଇ ଦକ୍ଷତାର ସହିତ କାର୍ଯ୍ୟକରି ଚାଲିଥିବା ଆଜିର ଭାରତର ଶୀର୍ଷ ନେତୃତ୍ୱରେ ଦେଶର ପ୍ରଧାନମନ୍ତ୍ରୀ-ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି, ବିଶ୍ୱ ଚେତନାକୁ ଆନ୍ଦୋଳିତ କରି ଭାରତର ଗୌରବ ବର୍ଦ୍ଧନ କରିଛନ୍ତି । ଆଜି ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱକୁ ବିଶ୍ୱ ଅର୍ଥନୀତିର ନବ୍ୟ ଉପନିବେଶବାଦରୁ ମୁକ୍ତ କରିବାକୁ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଛନ୍ତି ଶ୍ରୀଯୁକ୍ତ ମୋଦି । ଆଜି ପ୍ରତ୍ୟେକ ଭାରତୀୟ ଏଥିପାଇଁ ଗର୍ବର ସହିତ ତାଙ୍କୁ ଦୃଢ଼ ସମର୍ଥନ କରିବା ସହିତ ନିଜର ଦାୟିତ୍ୱ ଏବଂ କର୍ତବ୍ୟ ପାଳନ କରିବା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ! ମାତ୍ର, କିଛି ବୈଦେଶିକ ଶକ୍ତି ଭାରତର ଉତ୍ଥାନକୁ ପ୍ରତିହତ କରିବା ପାଇଁ ଅର୍ଥବଳରେ ଏଦେଶର କିଛି ଆତ୍ମଘାତୀ ଦେଶଦ୍ରୋହୀ ତତ୍ତ୍ୱମାନଙ୍କ ଦ୍ୱାରା ବ୍ୟାପକ ହିଂସା ଏବଂ ବିଶୃଙ୍ଖଳା ସୃଷ୍ଟିକରିବାକୁ ଷଡ଼ଯନ୍ତ୍ର ଚଳାଉଥିବାରୁ ଏସବୁକୁ ଦୃଢ଼ହସ୍ତରେ ଦମନ କରାଯିବା ଆବଶ୍ୟକ । ନୂତନ ଭାରତର ଜାଗ୍ରତ ଜନସାଧାରଣ ଏବଂ ଦେଶପ୍ରେମୀ ବୁଦ୍ଧିଜୀବିଗଣ ତଥା ଗଣମାଧ୍ୟମ ଭାରତର ମହାନ ସମ୍ବିଧାନ ଅନୁଯାୟୀ ଏହାର 'ସାମଗ୍ରୀକ ନେତୃତ୍ୱ' ନେବା ଆଜି ଜରୁରୀ । ଦେଶର ଅଖଣ୍ଡତା, ନିରାପତା, ସାର୍ବଭୌମତ୍ୱ ଏବଂ ସ୍ୱାଧୀନତା ଉପରେ ହିଁ ନିର୍ଭରକରେ, ଆମର ଏବଂ ଆମ ଉତରପିଢ଼ିଙ୍କ ଭବିଷ୍ୟତ । ଏଣୁ ରାଷ୍ଟ୍ର ସର୍ବୋପରି ! ! ଭାରତୀୟତା ଏବଂ ମାନବିକତା ହେଉ ଭାରତରେ ସମସ୍ତ ଧର୍ମର ମୂଳବାକ୍ୟ ! ! 'ପ୍ରକୃତ ଜ୍ଞାନ ଏବଂ ବିଜ୍ଞାନଭିତିକ ସମାନ ଶିକ୍ଷା ବ୍ୟବସ୍ଥା' ଦ୍ୱାରା ଦେଶରେ ସମସ୍ତ ଧର୍ମାନ୍ଧତାକୁ ଦୂରକରି ଭାରତୀୟ ଏକତାକୁ ସୁଦୃଢ଼ କରାଯାଇପାରେ ! 'ସତ୍ୟମେବ ଜୟତେ' ! !

*ମୋ. ୯୪୩୯୯୭୩୩୬୫୬*











# ମେଧାବୀ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କଟକ : (ନି. ପ୍ର.) ଜିଲ୍ଲାର ମେଧାବୀ ଏ-୧ ଗ୍ରେଡ୍ ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଆଜି ନେତାଜୀ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମାନ୍ୟବର ବିଧାୟକ, କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ କହିଛନ୍ତି ଯେ , ଛାତ୍ରଛାତ୍ରୀମାନେ ଆମ ଭବିଷ୍ୟତ ,ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ ଅବଦୁଲ କଲାମ କହିଥିଲେ, ସ୍ୱପ୍ନ ତାହା ନୁହେଁ ଯାହା ଆମେ ଶୋଇବା ବେଳେ ଦେଖୁ ,ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏ ନାହିଁ । ଛାତ୍ରଛାତ୍ରୀମାନେ ସର୍ବଦା ୩ଟି ମନ ରଖିବା ଆବଶ୍ୟକ ଶୃଙ୍ଖଳା, ଦୃଢ ସଂକଳ୍ପ ଏବଂ ସମର୍ପଣ ଏହି ତିନୋଟି ଗୁଣ ଜୀବନରେ ସଫଳତା ହାସଲ କରିବାର




ମୂଳମନ୍ତ୍ର ବୋଲି ସେ ମତବ୍ୟକ୍ତ କରିଛନ୍ତି । ଅନ୍ୟତମ ଅତିଥି ମାନ୍ୟବର ବିଧାୟିକା ବାରବାଟୀ- କଟକ, ଇଂ ସୋଫିଆ ଫିରଦୋସ୍ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ "ଅନଷ୍ଟପେବଲ୍ ଫ୍ୟୁଚର" ବୋଲି କହିଛନ୍ତି । ଶିକ୍ଷା ଗ୍ରହଣ କରିବାର କୌଣସି ବୟସ ନଥାଏ, ତେଣୁ ନିଜ ଲକ୍ଷ୍ୟ ପୂରଣ କରିବା ପଥରେ ଆଗକୁ ବଢିବା ଉଚିତ୍ । ଭଲ ନମ୍ବର ଭଲ ଚାକିରି ପାଇବାରେ ସହାୟକ ହୋଇପାରେ, କିନ୍ତୁ ଭଲ ଚରିତ୍ର ହିଁ ସମାଜରେ ଜଣେ ବ୍ୟକ୍ତିକୁ ପ୍ରକୃତ ସମ୍ମାନ ଓ ପରିଚୟ ପ୍ରଦାନ କରିଥାଏ ବୋଲି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଥିବା ପିତାମାତା, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅବଦାନକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ୫ ରୁ ୧୦ ବର୍ଷ ନିଜ କ୍ୟାରିୟର ଗଠନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ କୃତ୍ରିମ ବୁଦ୍ଧିମତାର ସଦୁପଯୋଗ କରି ନିଜର ଜ୍ଞାନ ବ୍ୟବହାର କରି ନିଜ ଜୀବନର ଲକ୍ଷ୍ୟ ହାସଲ କରିପାରିବେ ବୋଲି ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଜିଲ୍ଲାର ୨୮୫ ଜଣ ଏ-୧ ଛାତ୍ରଛାତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଏବଂ ପ୍ରଥମଥର ଏ-୧ ପାଇଥିବା ୧୬ଟି ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ଆୟୁକ୍ତ, ସୁଶ୍ରୀ କିରଣଦୀପ କୌର ସହୋତା , ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଣ୍ଡିଗାଁ ସରକାରୀ ଉଚ୍ଚବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ : ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଣ୍ଡିଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ପ୍ରତିପକ୍ଷ ଅଧିବକ୍ତା ଡ. ତାପସ ମହାନ୍ତିଙ୍କ ସଂଚାଳନାରେ ଆୟୋଜିତ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋମଳ ମତି ଛାତ୍ରଛାତ୍ରୀମାନେ ସର୍ବଦା ଆଇନ ସମ୍ପର୍କରେ ସଚେତନ




ରହିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜ୍ଞାନ ପରିଦର୍ଶିକା ହିମାଦ୍ରି ନନ୍ଦିନୀ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ ଓ ଦାୟିତ୍ୱବାନ ନାଗରିକ ହେବାକୁ ଆହ୍ୱାନ କରିଥିଲେ । ମୁଖ୍ୟ ବକ୍ତା ତଥା ଶିଶୁ ଆଇନ ବିଶେଷଜ୍ଞ ସୁବ୍ରତ କୁମାର ଦାସ, ଶିଶୁ ଅଧିକାର, ପୋକ୍ସୋ ଆଇନ, କିଶୋର ନ୍ୟାୟ ଆଇନ ଏବଂ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଆଲୁମୁନି ସଦସ୍ୟ ପ୍ରଭାକର ନାୟକ ଓ କପିଳ ଚନ୍ଦ୍ର ବାରିକଙ୍କ ସହିତ ପ୍ରଧାନ ଶିକ୍ଷକ ଉମେଶ ମାଝୀ ଯୋଗଦାନ କରିଥିଲେ । ବିଶେଷ ଭାବେ ଶିଶୁମାନଙ୍କ ମୋବାଇଲ ବ୍ୟବହାର ଉପରେ ପରିବାର ଓ ଅଭିଭାବକ ମାନେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଡୁମୁଲୁଗୁମ୍ମାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବୈଠକ

ମାଲକାନଗିରି : (ହି.ସ.)- ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ କୁଡୁମୁଲୁଗୁମ୍ମା-୧, ୨ ଓ ୩ ଅଂଚଳର ବୁଥ୍ ନମ୍ବର ୧୭୮, ୧୭୯ ଓ ୧୮୦ ପାଇଁ ବି ଏଲ ଓ -ବି ଏଲ ଏ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ଫୁଲତୋଡ଼ା ଏବଂ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତର ସରପଂଚ ମଙ୍ଗଳା ମାଢ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତଦାତା ତାଲିକାର ସଠିକତା ଓ ସ୍ୱଚ୍ଛତା ରକ୍ଷା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମ୍ମାନୀତ ଅତିଥି ଭାବେ ଖଇରପୁଟ ବିଜୁ ଜନତା ଦଳ ସଭାପତି ସାଧୁ ହନ୍ତାଲ, ସାମ୍ବାଦିକ ପ୍ରତିନିଧି ତଥା ସମାଜସେବୀ ଭଗବାନ ସାହୁ, ଖଇରପୁଟ ଭାଜପା ଉପସଭାପତି ରମାକାନ୍ତ ଧାକଡ଼ ଏବଂ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ, କୁଡୁମୁଲୁଗୁମ୍ମାର ପ୍ରଧାନ ଶିକ୍ଷକ ବଳରାମ ପୂଜାରୀ ଉପସ୍ଥିତ ରହି ନିର୍ବାଚନ ପ୍ରକ୍ରିୟାରେ ଜନସହଭାଗିତାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଖଇରପୁଟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତିରଞ୍ଜନ ସେଠୀ ଯୋଗଦେଇ ଏସ ଆଇ ଆର ୨୦୨୬ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ବି ଏଲ ଓ, ଓ ବି ଏଲ ଏ ମାନଙ୍କ ଭୂମିକା, ମତଦାତା ତାଲିକା ସଂଶୋଧନ ପ୍ରକ୍ରିୟା ଏବଂ ନିର୍ଭୁଲ ତଥ୍ୟ ସଂଗ୍ରହର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ମତଦାତା ତାଲିକାକୁ ଅଧିକ ସଠିକ ଓ ନିର୍ଭୁଲ କରିବା ନିମନ୍ତେ, ବି ଏଲ ଓ, ଓ ବି ଏଲ ଏ ମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାର ଆହ୍ୱାନ ଜଣାଇଥିଲେ । ମଂଚ ପରିଚାଳନା ବୁଥ୍ ସ୍ତରୀୟ ଅଧିକାରୀ ସୁଧାକର ନାୟକ କରିଥିଲେ । ଶେଷରେ ଉପସ୍ଥିତ ବିଏଲ ଓ, ବିଏଲ ଏ ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇ ବୈଠକ ସମାପ୍ତ ହୋଇଥିଲା ।

# ନିଶାମୁକ୍ତ ଭଦ୍ରକ ଗଠନ ପାଇଁ ଜିଲ୍ଲାବ୍ୟାପୀ ସଚେତନତା

ଭଦ୍ରକ : (ହି.ସ.) - ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ଅବସରରେ ଭଦ୍ରକ ଜିଲ୍ଲାରେ ଗୁରୁବାର ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି ।ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତାକୁ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବା ସହ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା । ସକାଳ ୮.୩୦ ଘଟିକାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ୨୫୦ରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟଙ୍କୁ ନେଇ ଏକ ବିଶାଳ ନିଶା ନିବାରଣ ସଚେତନତା ରାଲି ବାହାରିଥିଲା । ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ । ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରିଥିବା ଏହି ରାଲିରେ ଅଂଶଗ୍ରହଣକାରୀମାନେ ନିଶା ବିରୋଧୀ ସ୍ଲୋଗାନ ଦେବା ସହ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ପ୍ରଚାର ରଥ ମାଧ୍ୟମରେ ମଧ୍ୟ ଜନସାଧାରଣଙ୍କୁ ନିଶାଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଥିଲା । ପରେ ଟାଉନହଲ୍ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସଚେତନତା ସଭାକୁ ଅତିରିକ୍ତ ଜିଲ୍ଲାପାଳ ଦତ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ସଭାରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଦତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର ଓ ସମାଜର ଶାନ୍ତି, ସୁରକ୍ଷା ଓ ଆର୍ଥିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରିଥାଏ । ଯୁବପିଢ଼ିଙ୍କୁ ନିଶାରୁ ଦୂରେଇ ରଖିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ, ପ୍ରଶାସନ ଓ ସମାଜର ସମସ୍ତ ବର୍ଗଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ହିଁ ସବୁଠାରୁ ବଡ଼ ଅସ୍ତ୍ର ବୋଲି ସେ ମତପ୍ରକାଶ କରିଥିଲେ । ସଭାରେ ଜିଲ୍ଲା ଅବକାରୀ ଅଧିକାରୀ ନରୋତ୍ତମ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଏନଜିଓ 'ଫେଲୋଶିପ୍' ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସିଆରଏସଆରର ସାଧାରଣ ସମ୍ପାଦକ ଭଗବାନ ପରିଡ଼ା ଏବଂ ଉତ୍କଳ ସର୍ବୋଦୟ ମଙ୍ଗଳର ସଭାପତି ଅମର ପାଣିଗ୍ରାହୀ ଯୋଗଦେଇ ନିଶାଦ୍ରବ୍ୟ ସେବନର ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ କୁପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବକ୍ତାମାନେ ମତପ୍ରକାଶ କରିଥିଲେ ଯେ, ନିଶାଦ୍ରବ୍ୟର ଅପବ୍ୟବହାର ଆଜି ବିଶ୍ୱବ୍ୟାପୀ ଚିନ୍ତାର ବିଷୟ ପାଲଟିଛି ଏବଂ ଏହାର ମୁକାବିଲା ପାଇଁ ସମାଜର ସମସ୍ତ ସ୍ତରର ଲୋକଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ । ଜାତିସଂଘ ଦ୍ୱାରା ପ୍ରତିବର୍ଷ ୨୬ ଜୁନକୁ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ଭାବେ ପାଳନ କରାଯାଇଥାଏ, ଯାହାର ଉଦ୍ଦେଶ୍ୟ ନିଶା ବିରୋଧରେ ଜନସଚେତନତା ବୃଦ୍ଧି କରିବା । ଏହି ଅବସରରେ ଉପସ୍ଥିତ ସମସ୍ତେ ନିଶା ସେବନରୁ ନିବୃତ ରହିବା, ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା, ନିଜ ପରିବାର ଓ ସମାଜକୁ ନିଶାମୁକ୍ତ ରଖିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ଅଂଶ ଭାବେ ନିଶା ନିବାରଣ ବିଷୟକ ରଚନା, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହା ଯୁବପିଢ଼ିଙ୍କ ମଧ୍ୟରେ ନିଶା ବିରୋଧୀ ବାର୍ତ୍ତା ପ୍ରସାରରେ ସହାୟକ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ, ପୌରପାଳିକା ଓ ଜିଲ୍ଲା କାର୍ଯ୍ୟାଳୟର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, କାର୍ଯ୍ୟକାରୀ ସହାୟକ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲାସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ

ବଲାଙ୍ଗିର : (ହି.ସ.) ଜିଲ୍ଲାସ୍ତରୀୟ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ବଲାଙ୍ଗୀର ଜିଲ୍ଲାପାଳ ଗୌରଙ୍ଗ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ 'ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ' ଅଧୀନରେ ଏକ ଜିଲ୍ଲାସ୍ତରୀୟ ଜନସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, କୃଷି, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶ ଭଳି ପ୍ରମୁଖ କ୍ଷେତ୍ରରେ ଜିଲ୍ଲା ହାସଲ କରିଥିବା ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ ଆଲୋକପାତ କରିବା ସହ ଜିଲ୍ଲାର ସାମଗ୍ରିକ ଓ ସ୍ଥାୟୀ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ବୋର୍ଡ ର ଅଧ୍ୟକ୍ଷ ବଲ୍ଲଭ ଧରୁଆ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପବିତ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଯୋଜନା ଓ ପରିସଂଖ୍ୟାନ ଉପ-ନିର୍ଦ୍ଦେଶକ ଅଙ୍କିତ ମହାକୁରଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ଯୋଜନା ଏବଂ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ହାସଲ ହୋଇଥିବା ସଫଳତା ବିଷୟରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା । କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା, କୃଷି ଓ ଆନୁଷଙ୍ଗିକ ସେବା, ମୌଳିକ ଭିତିଭୂମି ଏବଂ ସାମାଜିକ ବିକାଶ ଭଳି କ୍ଷେତ୍ରଗୁଡ଼ିକରେ ବ୍ଲକସ୍ତରୀୟ ପ୍ରଗତିର ସମୀକ୍ଷା କରାଯାଇଥିଲା । ଆକାଂକ୍ଷୀ ବ୍ଲକଗୁଡ଼ିକରେ କିପରି ସରକାରୀ ଯୋଜନାକୁ ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯାଇପାରିବ ଏବଂ ସାଧାରଣ ଜନତାଙ୍କ ପାଖରେ ସେବା ପହଂଚାଇ ହେବ ସେ ନେଇ ଆଲୋଚନା କରାଯାଇଥିଲା । ଜନସାଧାରଣଙ୍କ ସହଭାଗିତା ବୃଦ୍ଧି କରିବା ଏବଂ ସରକାରୀ ସେବାଗୁଡ଼ିକର ସଠିକ୍ ପରିଚାଳନା ନିଶ୍ଚିତ କରିବା ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ଅଧିକାରୀ, କର୍ମଚାରୀ, ଅଙ୍ଗନବାଡ଼ି ଓ ଆଶାକର୍ମୀମାନେ ଯୋଗଦେଇ ନିଜ ନିଜ କ୍ଷେତ୍ରରେ କିଭଳି ଅଧିକ ସଫଳତା ହାସଲ କରାଯାଇପାରିବ, ସେ ନେଇ ପରାମର୍ଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଶେଷରେ, ବଲାଙ୍ଗୀର ଜିଲ୍ଲାକୁ ସମସ୍ତ କ୍ଷେତ୍ରରେ ଆଗେଇ ନେବା ଏବଂ ଏକ ସମୃଦ୍ଧ ତଥା ସନ୍ତୁଳିତ ବିକାଶ ଧାରା ବଜାୟ ରଖିବା ପାଇଁ ସମସ୍ତ ପ୍ରତିନିଧି ଓ ଅଧିକାରୀମାନେ ମିଳିତ ସଂକଳ୍ପବଦ୍ଧତା ପ୍ରକାଶ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଶ୍ରମ ବିଭାଗ ପକ୍ଷରୁ ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ୨ ଜଣ ସ୍ୱର୍ଗୀୟଙ୍କ ପରିବାର ବର୍ଗକୁ ୩ ଲକ୍ଷ ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ସେହିପରି ବିବାହ ସହାୟତା ରାଶି ବାବଦକୁ ୫ ଜଣ ହିତାଧିକାରୀମାନଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ୧୦ ଜଣ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯାଇଥିଲା । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧୀନରେ ୪ ଜଣ ଛାତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ଜୈବିକ ସାର ଉତ୍ପାଦନ କରୁଥିବା ୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା । ସେହିପରି ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ପ୍ରଦାନ କରାଯାଇଥିଲା ।

# 'ସ୍ୱାତୀ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ୨୮ ତମ ପ୍ରତିଷ୍ଠା ଦିବସ

କନ୍ଧମାଳ : (ହି.ସ.) କନ୍ଧମାଳ ଜିଲ୍ଲା ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ର ୨୮ତମ ପ୍ରତିଷ୍ଠା ଦିବସ ବିଭିନ୍ନ ସ୍ଥାନରେ ସମ୍ପାଦକ ହରି ଶଙ୍କର ରାଉତ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ପ୍ରକଳ୍ପର କର୍ମଚାରୀ ମାନେ ସାମିଲ ହୋଇ ୨୭ ବର୍ଷର ଯାତ୍ରାକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ପାଇଁ ଚେଷ୍ଟା କରାଯାଇଥିଲା । କନ୍ଧମାଳ ଜିଲ୍ଲାର ବିକାଶ ରେ ସ୍ୱାତୀ ଭଳି ଅନୁଷ୍ଠାନ ମାନଙ୍କର ଗୁରୁଦାୟିତ୍ୱ ଯଥେଷ୍ଟ ଅଧିକ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ଓ ଆଲୋଚନା ହେଉଥିବାର ଦେଖାଯାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ସ୍ଥାନୀୟ ଲୋକପ୍ରତିନିଧି ଓ ସରକାରି ଅଧିକାରି ମାନେ ଏହି ଅନୁଷ୍ଠାନ ଓ ତାଙ୍କର କର୍ମୀ ଏବଂ ପରିଚାଳନା ପରିଷଦ କରିଥିବା ରୂପାନ୍ତର ନିଶ୍ଚିତ ପ୍ରଶଂଶନୀୟ ବୋଲି କହିବା ସହ ଆଗାମିଦିନ ଗୁଡିକରେ ମଧ୍ୟ ଜାରି ରଖିବେ ବୋଲି ଆଶା ପ୍ରକଟ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମୀ ମାନେ ବିଭିନ୍ନ ସମାଜ ସେବାରେ କିପରି ଅନୁଷ୍ଠାନ ର ଆନ୍ତରିକତା ଓ ସକ୍ରିୟ ଯୋଗଦାନ ଆଗକୁ ବଳିଷ୍ଠ ରହିବ ତାହା ଲୋକ ମାନଙ୍କୁ ଜଣାଇଥିଲେ । ଆଗକୁ ଏକ ସପ୍ତାହ ଧରି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ ବୋଲି ଅନୁଷ୍ଠାନ ର ସମ୍ପାଦକ ସୂଚନା ଦେଇଥିଲେ । ଐହି ପରିପ୍ରେକ୍ଷିରେ କାର୍ଯ୍ୟକ୍ରମ ଗୁଡିକରେ ଗ୍ରାମାଂଚଳରେ ସାମଜ ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ମାନିତ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଉଛି । ସେହିପରି ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିବା ଅଧିକାରି ମାନେ ତାଙ୍କ ବକ୍ତବ୍ୟ ରେ ସାମାଜିକ ଅନୁଷ୍ଠାନ ମାନଙ୍କ ର ନିଷ୍ଠାପରତା ଆଜି ସ୍ୱାତୀ ତାର ୨୭ ବର୍ଷ ପୁର୍ତୀ ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ବୋଲି କହିଥିଲେ । ସେହିପରି ଭଞ୍ଜନଗର ଠାରେ ସ୍ୱାତୀ ଅନୁଷ୍ଠାନ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମୋହାବିଦ୍ୟାଳୟ ର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୩୦ ଜଣ ରକ୍ତ ଦାନ କରି ଆଉ ଏକ ଜିବନ ବଂଚିବାର ଆଶା ଉଦ୍ଜୀବିତ କରିଥିଲେ । ଏହି ଶିବିର କୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦ୍ଘାଟନ କରିଥିବା ବେଳେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାର ର କର୍ମକର୍ତା ମାନେ ପରିଚାଳନା କରିଥିଲେ । ସମ୍ପାଦକ ହରି ଶଙ୍କର ରାଉତ ,ଗିରିଶ ଚନ୍ଦ୍ର ସାମଲ ଓ ବିଶ୍ୱରଞ୍ଜନ କର ପ୍ରମୁଖ ପରିଚାଳନା କରିଥିଲେ ।

# ଏନଡ଼ିଆରଏଫ ତରଫରୁ ସଚେତନତା କାର୍ଯ୍ୟକ୍ରମ

ଜୟପୁର : (ହି.ସ.)- ଏନଡିଆରଏଫ୍, ମୁଣ୍ଡଳୀ, କଟକର ୧୫ ଜଣିଆ ଦଳ, ଇନ୍ସପେକ୍ଟର ପି. କେ. ଯାଦବଙ୍କ ନେତୃତ୍ୱରେ ଏବଂ ସବ୍-ଇନ୍ସପେକ୍ଟର ସୁଖବିର ସିଂହ, ହବିଲଦାର ଶ୍ରୀକାନ୍ତ ଦାଶ, ଭି. ତୁଲସୀ ଦାସୁ, ସିଟି/ଜିଡି ପ୍ରଭାତ ପଟେଲ, ୟୁ. କେ. ମେହେର ଏବଂ ଆପଲା ରାଜୁଙ୍କ ସହଯୋଗରେ କୋରାପୁଟ ଜିଲ୍ଲା ସେମିଳିଗୁଡା ସ୍ଥିତ ସରକାରୀ କଲେଜ ଏବଂ ସରକାରୀ ସ୍କୁଲରେ ଫାମେକ୍ସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ଶ୍ରୀମତୀ ଝାନସୀ ସିଂହ (କଲେଜ), ହେଡ ମିଷ୍ଟ୍ରେସ ଶ୍ରୀମତୀ ରଶ୍ମିତା ସେଠୀ (ସ୍କୁଲ) ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଓ ଛାତ୍ରଛାତ୍ରୀ ମାନଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ସଚେତନ କରାଯାଇଥିଲା । ବନ୍ୟା, ଭୂମିକମ୍ପ, ଘୂର୍ଣ୍ଣିଝଡ଼ ସହ ବଜ୍ରପାତ, ସାପ କାମୁଡ଼ା ଏବଂ ଅନ୍ୟାନ୍ୟ ପ୍ରାକୃତିକ ଓ ମାନବସୃଷ୍ଟ ବିପଦ ସମୟରେ କିପରି ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ଏନଡିଆରଏଫ୍ ଦଳ ଦ୍ୱାରା ପ୍ରି-ହସ୍ପିଟାଲ ଟ୍ରିଟମେଂଟ , ପ୍ରାଥମିକ ଚିକିତ୍ସା, କାର୍ଡିଓ-ପଲ୍ମୋନାରୀ ରିସସିଟେସନ୍ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପଦ୍ଧତି ଉପରେ ପ୍ରାୟୋଗିକ ପ୍ରଦର୍ଶନ କରାଯାଇଥିଲା । ଏହାସହ ବିପର୍ଯ୍ୟୟ ସମୟରେ ତ୍ୱରିତ ପ୍ରତିକ୍ରିୟା, ସୁରକ୍ଷିତ ସ୍ଥାନାନ୍ତରଣ ଏବଂ ସମୁଦାୟ ଭିତିକ ବିପର୍ଯ୍ୟୟ ପ୍ରସ୍ତୁତିର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା ।

# କଳାହାଣ୍ଡି ଜିଲ୍ଲା ସ୍ତରୀୟ "ପି.ଏମ୍. ସ୍ୱନିଧି ମହୋତ୍ସବ" ଅନୁଷ୍ଠିତ

ଭବାନୀପାଟଣା : (ହି.ସ.) ପି.ଏମ୍. ସ୍ୱନିଧି ଯୋଜନାର ୬ ବର୍ଷ ପୂର୍ତି ଅବସରରେ ଆଜି କଳାହାଣ୍ଡି ଜିଲ୍ଲା ସ୍ତରୀୟ "ପି.ଏମ୍. ସ୍ୱନିଧି ମହୋତ୍ସବ" ଭବାନୀପାଟଣା ସ୍ଥିତ ଟାଉନ ହଲଠାରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଭବାନୀପାଟଣା ପୌରପାଳିକାର ୧୦ ଜଣ ରାସ୍ତାପାର୍ଶ୍ୱ ବ୍ୟବସାୟୀଙ୍କୁ ପ୍ରଥମ କିସ୍ତି ଋଣର ଚେକ୍ ଏବଂ ଜଣେ ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତି ଋଣର ଚେକ୍ ଏବଂ ୧୦ ଜଣ ରାସ୍ତାପାର୍ଶ୍ୱ ବ୍ୟବସାୟୀଙ୍କୁ ଏଲ୍.ଓ.ଆର. ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସେହିପରି ପି.ଏମ୍. ସ୍ୱନିଧି ଯୋଜନାର ସଫଳ ହିତାଧିକାରୀ ଭାବେ ଭବାନୀପାଟଣା ପୌରପାଳିକା, ଜୁନାଗଡ଼ ଏନ୍.ଏ.ସି., କେସିଙ୍ଗା ଏନ୍.ଏ.ସି. ଓ ଧର୍ମଗଡ଼ ଏନ୍.ଏ.ସି.ର ୧୦ ଜଣ ଲେଖାଏଁ, ତଥା ନର୍ଲା ଓ ଜୟପାଟଣା ଏନ୍.ଏ.ସି.ର ୫ ଜଣ ଲେଖାଏଁ ରାସ୍ତାପାର୍ଶ୍ୱ ବ୍ୟବସାୟୀଙ୍କୁ ଉପସ୍ଥିତ ଅତିଥିମାନେ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପି.ଏମ୍. ସ୍ୱନିଧି ଯୋଜନା ମାଧ୍ୟମରେ ରାସ୍ତାପାର୍ଶ୍ୱ ବ୍ୟବସାୟୀମାନଙ୍କର ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଏବଂ ଜୀବିକାର ଉନ୍ନତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର (ଏଲ୍.ଡି.ଏମ୍.) ଉପସ୍ଥିତ ରାସ୍ତାପାର୍ଶ୍ୱ ବ୍ୟବସାୟୀମାନଙ୍କୁ ଡିଜିଟାଲ୍ ପେମେଂଟ, ଡିଜିଟାଲ୍ କାରବାରର ସୁବିଧା, ଗୁରୁତ୍ୱ ଏବଂ ଏହାର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ କରାଇ ଥିଲେ । ଏଥିସହ ହିତାଧିକାରୀ ମାନଙ୍କୁ ଯୋଜନା ଦ୍ୱାରା ମିଳୁଥିବା ସୁବିଧା ଏବଂ ମିଳିଥିବା ଅର୍ଥ ର ସଦୁପଯୋଗ କରି ନିଜ ବ୍ୟବସାୟକୁ ଅଧିକ ସୁଦୃଢ଼ କରିବା ପାଇଁ ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା (ଡୁଡା) ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ପୌରପାଳିକାର ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ଜୁନାଗଡ଼ ଏନ୍.ଏ.ସି.ର ଅଧ୍ୟକ୍ଷା ହିମାଦ୍ରୀ ନାଏକ, ଧର୍ମଗଡ଼ ଏନ୍.ଏ.ସି.ର ଅଧ୍ୟକ୍ଷ ଅଶୋକ ମହାନ୍ତି, କେସିଙ୍ଗା ଏନ୍.ଏ.ସି.ର ଅଧ୍ୟକ୍ଷ ନୃପରାଜ ଯାଦବ, କଳାହାଣ୍ଡି ଲୋକସଭା ସାଂସଦ ଙ୍କ ପ୍ରତିନିଧି ଭାବରେ ସନ୍ତୋଷ ବିଶି, ଧର୍ମଗଡ଼ ବିଧାୟକ ଙ୍କ ପ୍ରତିନିଧି ଭାବରେ ଶ୍ରୀ ନରହରି ପଟ୍ଟନାୟକ ,ଭବାନୀପାଟଣା ପୌରପାଳିକା, ଧର୍ମଗଡ଼, କେସିଙ୍ଗା, ନର୍ଲା, ଜୟପାଟଣା ଓ ଜୁନାଗଡ଼ ଏନ୍.ଏ.ସି.ର କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିନେଶ କୁମାର କହଁର, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର (ଏଲ୍.ଡି.ଏମ୍.) ଏବଂ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକମାନେ ଉପସ୍ଥିତ ଥିଲେ । ଶେଷରେ ଉପସ୍ଥିତ ଅତିଥି, ହିତାଧିକାରୀ ଓ ସାଧାରଣ ଜନତାଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା ।

# ହାତୀ ଆକ୍ରମଣରେ ଚାଷୀ ମୃତ ଅଂଚଳରେ କୋହୁଆ ଭୟ

ସମ୍ବଲପୁର : (ହି.ସ.)- ସମ୍ବଲପୁର ଜିଲ୍ଲା ଯୁଜୁମୁରା ବ୍ଲକ ଅନ୍ତର୍ଗତ ଭୀମଖୋଜ ଗ୍ରାମ ନିକଟସ୍ଥ ଏକ ଚାଷ ଜମିରେ ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତଦେହ ଚିହ୍ନଟ ପରେ ଚାଷୀ ଜଣକ ଭୀମଖୋଜ ଗ୍ରାମର ମହେନ୍ଦ୍ର ନାୟକ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ମହେନ୍ଦ୍ର ନାୟକ ଆଜି ସକାଳେ ଗାଁ ନିକଟସ୍ଥ ନିଜ ବିଲକୁ ଯାଉଥିବା ବେଳେ ବାଟରେ ହଠାତ୍ ଏକ ଦନ୍ତା ହାତୀର ସମ୍ମୁଖୀନ ହୋଇଥିଲେ । ହାତୀକୁ ଦେଖି ସେ ଖସି ପଳାଇବାକୁ ବହୁ ଚେଷ୍ଟା କରିଥିଲେ ମଧ୍ୟ ହାତୀଟି ତାଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲା । ଶୁଣ୍ଢରେ ଟେକି ତଳେ କଚାଡି ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ପାଇ ସ୍ଥାନୀୟ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମସାରକୁ ପଠାଇଥିବା ଜଣାପଡ଼ିଛି । ଏହି ଘଟଣା ପରେ ଆଖପାଖ ସମସ୍ତ ଅଂଚଳରେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏପରିକି ଲୋକେ ଘରର ତାଟିକବାଟ ପକାଇ ଦେଇଥିବା ଦେଖିବାକୁ ମିଳିଛି । ମୃତ ଚାଷୀ ମହେନ୍ଦ୍ରଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ମଧ୍ୟ ଅଂଚଳବାସୀ ଦାବି କରିଛନ୍ତି ।




# ବିକଶିତ ଭାରତ ନିମନ୍ତେ ଡିଜିଟାଲ ସେତୁ



ସୁଶ୍ରୀ ଶୋଭା କରଣ୍ଡଲାଜେ

୨୦୨୬ ମସିହାର ଏମ.ଏସ.ଏମ.ଇ. ଦିବସ ଉପଲକ୍ଷେ । ଡିଜିଟାଲ ପୋର୍ଟାଲ ପାଳନ ନୀରବରେ ଭାରତର ୮୦ ନିୟୁତ ଏମ.ଏସ.ଏମ.ଇ.ଙ୍କୁ ସେମାନଙ୍କର ବ୍ୟବସାୟ କରିବାରେ ସହାୟକ ହୋଇପାରୁଛି । ଆଜକୁ ମାତ୍ର ଗୋଟିଏ ଦଶନ୍ଧି ପୂର୍ବରୁ ଦେଶର ଯେକୌଣସି ସରକାରୀ ଜିଲ୍ଲା କାର୍ଯ୍ୟାଳୟକୁ ଯାଆନ୍ତୁ, ସମସ୍ତଙ୍କୁ ଗୋଟିଏ ଦୃଶ୍ୟ ଦେଖିବାକୁ ମିଳୁଥିଲା । ତାହା ହେଉଛି ଫାଇଲର ସମୁଦ୍ର, ବ୍ୟସ୍ତବିବ୍ରତ କିରାଣୀ ଏବଂ ଉଦ୍ୟୋଗୀମାନଙ୍କ ଅପେକ୍ଷାର ଲମ୍ବା ଧାଡ଼ି । ପୁଣି ବେଳେବେଳେ ସପ୍ତାହ ସପ୍ତାହ ଧରି ପଞ୍ଜୀକରଣ ପ୍ରମାଣପତ୍ର ଖଣ୍ଡିଏ ପାଇବାକୁ ଲାଗି ଯାଉଥିଲା କିମ୍ବା ଅର୍ଥ ପୈଠ ବିବାଦର ଶୁଣାଣି ପାଇଁ ଅପେକ୍ଷା କରିବାକୁ ପଡୁଥିଲା । ଆଜି ଜଣେ କାରିଗର ଦେଶରେ ଯେକୌଣସି ସ୍ଥାନରେ ରହି ସୁଦ୍ଧା ନିଜର ଉଦ୍ୟୋଗକୁ ମାତ୍ର ମିନିଟିଏ ଭିତରେ ନିଜ ଫୋନରେ ପଞ୍ଜୀକରଣ କରିପାରୁଛି, ନିଜର ଉତ୍ପାଦକୁ ଜାତୀୟ ବଜାରରେ ତାଲିକାଭୁକ୍ତ କରିପାରୁଛି ଏବଂ ଅଧିକ ପେମେଂଟ ହୋଇଥିବା ଇନଭଏସକୁ ନିଜର ବ୍ୟବସାୟିକ ସଂସ୍ଥା ନଛାଡ଼ି ତାହାର ପିଛା କରିପାରୁଛି । ଏହାକୁ କେବଳ ଏକ ମାମୁଲି ପ୍ରଶାସନିକ ଉନ୍ନତିକରଣ ବୋଲି କୁହାଯିବନାହିଁ, ବରଂ ଏହାକୁ ଢାଂଚାଗତ ପରିବର୍ତ୍ତନ ବୋଲି ବିବେଚନା କରାଯାଇ ପାରେ । ଭାରତର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକ କୌଣସି ଜାତୀୟ ହିସାବ ପରିଚାଳନାର ସବା ପଛରେ ଆଉ ରହିନାହାନ୍ତି । ୨୦୨୬ ମସିହାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଦିବସ ପାଳନ ଅବସରରେ, ସେମାନଙ୍କର ବାସ୍ତବ ମାତ୍ରା ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକତା ରହିଛି ଯେ ପ୍ରକୃତରେ ସେମାନେ ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)କୁ ୩୧.୧% ଅବଦାନ ଦେଉଛି ଏବଂ ସେଥିରେ ୩୫% କେବଳ ଉତ୍ପାଦନ ଆଉଟପୁଟ ରହିଛି ଯାହାକି ମୋଟ ରପ୍ତାନୀ ପରିମାଣର ୪୮.୫୮%କୁ ପ୍ରତିନିଧିତ୍ୱ କରେ ଏବଂ ସେଥିରେ ଦେଶର ପ୍ରାୟ ୩୮ କୋଟି କର୍ମଶକ୍ତି ନିଯୁକ୍ତି ପାଇଛନ୍ତି ଯାହାକି ବିଶ୍ୱର ଅଧିକାଂଶ ରାଷ୍ଟ୍ରଙ୍କ ମୋଟ ଜନସଂଖ୍ୟାଠାରୁ ସୁଦ୍ଧା ଅଧିକ । ତଥାପି ଦଶନ୍ଧି ଦଶନ୍ଧି ଧରି, ଏହିସବୁ ଉଦ୍ୟୋଗମାନେ ଆନୁଷ୍ଠାନିକ ଶାସନ ବ୍ୟବସ୍ଥାଠାରୁ ଦୂରରେ ରହି ସେମାନଙ୍କର କାର୍ଯ୍ୟ କରିଆସୁଥିଲେ, ଆନୁଷ୍ଠାନିକ ଆର୍ଥିକ ସୁବିଧାରୁ ବଂଚିତ ହୋଇ ରହିଥିଲେ, ବିଶାଳ ଆହରଣ ବଜାରଠାରୁ ପୃଥକ୍ ହୋଇ ରହିଥିଲେ ଏବଂ ସେମାନଙ୍କୁ ବିପୁଳ ପରିମାଣର ଅନୁପାଳନର ଚକ୍ର ମଧ୍ୟରେ ପେଷି ହେବାକୁ ପଡୁଥିଲା ଯାହାକି ବଡ଼ ବଡ଼ ଉଦ୍ୟୋଗକୁ ସିନା ସାହାଯ୍ୟ କରୁଥିଲା, କ୍ଷୁଦ୍ର ଉଦ୍ୟୋଗୀମାନେ ଏଥିରେ କ୍ଲାନ୍ତଶ୍ରାନ୍ତ ହୋଇପଡୁଥିଲେ । ଉଦ୍ଦେଶ୍ୟ ବିନିର୍ଦ୍ଦିଷ୍ଟ ଡିଜିଟାଲ ପୋର୍ଟାଲ ବ୍ୟବସ୍ଥାର ପ୍ରବର୍ତ୍ତନ ପରେ ଏଥିରେ ନିର୍ଭୁଲ ଭାବରେ ଏକ ବିରାଟ ପରିବର୍ତ୍ତନ ଘଟିଥିଲା, ଯାହାକି ଏମ.ଏସ.ଏମ.ଇ. ଯାତ୍ରାର ପ୍ରତ୍ୟେକ ନିର୍ଦ୍ଦିଷ୍ଟ ସମସ୍ୟା ବିନ୍ଦୁରେ ସମାଧାନର ପ୍ରଲେପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି । ରାଷ୍ଟ୍ର ଏବଂ ଏହାର କ୍ଷୁଦ୍ରାତିକ୍ଷୁଦ୍ର ଉଦ୍ୟୋଗୀମାନଙ୍କ ମଧ୍ୟରେ ଯେଉଁ ସମ୍ପର୍କ ରହିଛି ନୀରବରେ ସେଥିରେ ଏକ ନୂତନ ଢାଂଚାଗତ ପରିବର୍ତ୍ତନ ଘଟାଇଛି । ଆନୁଷ୍ଠାନିକରଣ ଏବେ ଅଙ୍ଗୁଳି ଅଗ୍ରରେ ଏହି କ୍ଷେତ୍ରରେ ପ୍ରଥମ ଏବଂ ମୌଳିକ ପ୍ରତିବନ୍ଧକଟି ହେଲା ଏହା ଯେ କୌଣସି ପ୍ରକାର ଆନୁଷ୍ଠାନିକ ପଞ୍ଜୀକରଣ ବିନା ଗୋଟିଏ ଉଦ୍ୟୋଗୀ କଦାପି ସରକାରୀ ଯୋଜନା ପର୍ଯ୍ୟନ୍ତ ପହଂଚି ପାରିବନାହିଁ । ଅନ୍ୟ ଅର୍ଥରେ କହିଲେ ବ୍ୟାଙ୍କରୁ ଋଣ ନେବା କିମ୍ବା ସରକାରୀ ଚୁକ୍ତିନାମାରେ ସ୍ୱାକ୍ଷର କରିପାରିବନାହିଁ । କାଗଜହୀନ, ଆଧାର-ପ୍ରମାଣଯୁକ୍ତ ଏବଂ ସ୍ୱ-ଘୋଷଣାକ୍ଷମ ପଞ୍ଜୀକରଣ ମାଧ୍ୟମରେ ଉଦ୍ୟମ ପୋର୍ଟାଲ ଏହି ବିବିଧ ପର୍ଯ୍ୟାୟର ଅସୁବିଧାକୁ ଏକକ ଅନଲାଇନ ସେସନକୁ କମାଇ ଦେଇଛି । ଆଜି ଦେଶର ୮.୭ କୋଟି ଉଦ୍ୟୋଗୀ ଏହି ପୋର୍ଟାଲ ମାଧ୍ୟମରେ ଆନୁଷ୍ଠାନିକ ଅର୍ଥନୀତି ସହିତ ଯୋଡ଼ି ହୋଇପାରିଛନ୍ତି ଯାହାକି ଦେଶରେ ଆନୁଷ୍ଠାନିକରଣର ଏକ ଢେଉ ସୃଷ୍ଟି କରିଛି ଏବଂ ଏହା କୌଣସି ବର୍ଦ୍ଧନକ୍ଷମ ବଜାର ଇତିହାସରେ ଦେଖିବାକୁ କ୍ୱଚିତ ମିଳିଥାଏ । ତଥାପି, 'ସମାଯୋଜନ ବିନା ଆନୁଷ୍ଠାନିକରଣ'ରେ ମଧ ଅନେକ ସମସ୍ୟା ରହିଛି ଏବଂ ଏହା ସମୟାନ୍ତରେ ବିପଦ ସୃଷ୍ଟି କରିଥାଏ । ସେଥି ନିମନ୍ତେ 'ଉଦ୍ୟମ ଆସିଷ୍ଟ ପ୍ଲାଟଫର୍ମ'ର ଡିଜାଇନ୍ କରାଯାଇଛି ଯାହା ଅଣ-ଆନୁଷ୍ଠାନିକ ମାଇକ୍ରୋ ଉଦ୍ୟୋଗୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯେଉଁମାନଙ୍କ ନିକଟରେ ମାନକ ପଞ୍ଜୀକରଣ ସକାଶେ କୌଣସି ଆନୁଷ୍ଠାନିକ କାଗଜାତ ଉପଲବ୍ଧ ନାହିଁ । ୨୦୨୫-୨୬ ମସିହାର ଆର୍ଥିକ ସର୍ଭେ ଅନୁସାରେ, ଏହି ପ୍ଲାଟଫର୍ମରେ ଏପର୍ଯ୍ୟନ୍ତ ୩.୨୮ କୋଟି ଏପରି ଉଦ୍ୟୋଗ ସାମିଲ ହୋଇଛନ୍ତି ଏବଂ ସେମାନଙ୍କୁ ବ୍ୟବସାୟ ନିମନ୍ତେ ସକଳ ପ୍ରକାର ସରକାରୀ ସହଯୋଗ ଯୋଗାଇ ଦିଆଯାଇଛି ଯାହାକି ପୂର୍ବରୁ କୌଣସି ସରକାରୀ ପଞ୍ଜିକାରେ କେବେ ଦରଜ ହୋଇ ନଥିଲା । ଜିଇଏମ ବଜାର ମାଧ୍ୟମରେ ପହଂଚ ଏକ ସମାନ୍ତର କ୍ଷେତ୍ରରେ ପରିଣତ କ୍ରେତାମାନଙ୍କ ନିମନ୍ତେ ପହଂଚ ଅତି ପ୍ରାଚୀନ କାଳରୁ ଭୌଗୋଳିକ ସ୍ଥିତି, ସଂଯୋଗ ଏବଂ ଆହରଣ ଅମଲାତନ୍ତ୍ରର କ୍ଷମତା ଆଧାରରେ ହିଁ ପହଂଚିଥାଏ । ସରକାରୀ ଇ-ମାର୍କେଟପ୍ଲେସ (ଜିଇଏମ) ଏଭଳି ସରକାରୀ ଆହରଣ ଢାଂଚାକୁ ଆମୂଳଚୂଳ ଭାବରେ ବଦଳାଇ ଦେଇଛି । ଏକ ସ୍ୱଚ୍ଛ, ଓଲଟା- ନିଲାମୀ ଆଧାରିତ ପ୍ଲାଟଫର୍ମ ସୃଷ୍ଟି ହେବା ଦ୍ୱାରା ଏ ଠା ରେ ଏମ.ଏସ.ଏମ.ଇ.ମାନେ ନିଜର ନାମ ପଞ୍ଜୀକରଣ କରି ସରକାରୀ ବିଭାଗ ଏବଂ ସରକାରୀ ଉଦ୍ୟୋଗମାନଙ୍କୁ ସେମାନଙ୍କର ଉତ୍ପାଦ ଯୋଗାଇ ପାରୁଛନ୍ତି । ଜିଇଏମ ଏହା ଫଳରେ ସଫଳତାର ସହିତ ଆହରଣ ବାତାବରଣକୁ ସମ୍ପୂର୍ଣ୍ଣ ରୂପେ ଗଣତାନ୍ତ୍ରିକରଣ କରିଛି ବୋଲି କୁହାଯାଇପାରେ । ଆଜି, ଦେଶର ୧୧.୧୪ ଲକ୍ଷରୁ ଅଧିକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକ୍ରେତା (ସେମାନଙ୍କ ମଧ୍ୟରୁ ୨.୦୩ ଲକ୍ଷ ମହିଳା ମାଲିକାନାରେ ପରିଚାଳିତ ଏବଂ ୬୧,୦୦୦ ତଫସିଲଭୁକ୍ତ ଜାତି/ ତଫସିଲଭୁକ୍ତ ଜନଜାତି ବର୍ଗର ମାଲିକାନାରେ ରହିଛି) ସେମାନଙ୍କର ସଂସ୍ଥାଙ୍କୁ ଏହି ପ୍ଲାଟଫର୍ମରେ ପଞ୍ଜୀକୃତ କରାଇଛନ୍ତି । ଜିଇଏମ ମାଧ୍ୟମରେ ମୋଟ ସାମଗ୍ରୀ ଆହରଣର ମୂଲ୍ୟ ୧୮.୪୦ ଲକ୍ଷ କୋଟି ଟଙ୍କାକୁ ଟପିଛି । ଏହା ଏପରି ଏକ ପରିମାଣକୁ ସୂଚୀତ କରେ ଯାହା କେବଳ କାରବାରକୁ ସୂଚାଏନାହିଁ ବରଂ ଜୀବନଜୀବିକାର ସୁରକ୍ଷା, ବ୍ୟବସାୟିକ ସଂସ୍ଥାମାନଙ୍କ ପୋଷଣୀୟତା ଏବଂ ଯୋଗାଣ ଶୃଙ୍ଖଳର ବିବିଧତାକୁ ମଧ ଦର୍ଶାଏ । ସରଳତାର ଚାବି ଉନ୍ମୋଚନ ଯଦି ପଞ୍ଜୀକରଣ ଏବଂ ବଜାରକୁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସଂସ୍କାର ବୋଲି ଧରାଯାଏ, ତେବେ ନଗଦ ରାଶି ପ୍ରବାହ ହେଉଛି ଏହାର ଜୀବନସ୍ରୋତ । ବିଳମ୍ବିତ ବିକ୍ରୟ ରାଶି ପ୍ରଦାନ ନିରନ୍ତର ଭାବରେ ଏକ ସମସ୍ୟା ରୂପେ ରହିଆସିଥିଲା ଏବଂ ବିପୁଳ ସଂଖ୍ୟକ କ୍ରେତା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କ ଇନଭଏସ ଉପରେ ୬୦,୯୦, ଏପରିକି ୧୮୦ ଦିନ ଲେଖାଏଁ ବସି ରହୁଥିଲେ ଯାହା ଫଳରେ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଅଣ ଆନୁଷ୍ଠାନିକ ସୂତ୍ରରୁ ମୋଟା ସୁଧ ହାରରେ ଋଣ ନେବାଭଳି ଅବସ୍ଥାକୁ ଠେଲି ଦେଉଥିଲା । ଟିଆରଇଡିଏସ ପ୍ଲାଟଫର୍ମ (ଟ୍ରେଡ୍ ରିସିଭେବଲ୍ସ ଡିସକାଉଂଟିଂ ସିଷ୍ଟମ) ଏହାର ଏକ ଢାଂଚାଗତ ସମାଧାନ ସୂତ୍ର ପ୍ରଦାନ କରେ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗମାନେ ବର୍ତ୍ତମାନ ଡିଜିଟାଲ ମାର୍କେଟପ୍ଲେସରେ ସେମାନଙ୍କର ଇନଭଏସକୁ ଅପଲୋଡ୍ କରିପାରିବେ ଯାହା ଫଳରେ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ଅନୁଷ୍ଠାନମାନେ ସେମାନଙ୍କୁ ଡିସକାଉଂଟ ପ୍ରଦାନ କରିବେ ଏବଂ ତୁରନ୍ତ କାର୍ଯ୍ୟକାରୀ ପୁଞ୍ଜି ପ୍ରଦାନ କରିପାରିବେ । ଟିଆରଇଡିଏସ ପ୍ଲାଟଫର୍ମ ମାଧ୍ୟମରେ ୮.୩୫ ଲକ୍ଷ କୋଟି ଟଙ୍କାର ଇନଭଏସକୁ ୨୦୨୧ ଠାରୁ ୨୦୨୬ ମସିହା ମଧ୍ୟରେ ଡିସକାଉଂଟ ଯୋଗାଇ ଦିଆଯାଇଛି । ଏହା ଉଦ୍ୟୋଗୀ ମାନେ ଯେପରି ସେମାନଙ୍କର ପେ'ରୋଲ୍ ନହରାନ୍ତି, ଯେପରି ମହାଜନମାନଙ୍କ ନିକଟକୁ ଋଣ ଆଣିବା ସକାଶେ ନ ଯାଆନ୍ତି ଏବଂ ସେମାନଙ୍କ ସଂସ୍ଥାକୁ ବନ୍ଦ୍ କରି ନଦିଅନ୍ତି, ସେହି ସ୍ଥିତିକୁ ପ୍ରତିନିଧିତ୍ୱ କରେ; କାରଣ, ଅଧିକାଂଶ କ୍ରେତା ସେମାନଙ୍କର ପାଉଣା ଦେବାବେଳେ ବିଳମ୍ବ କରିଥାଆନ୍ତି । ଅଭିଯୋଗ ଓ ନ୍ୟାୟ ଏପରିକି ସବୁଠାରୁ ଶ୍ରେଷ୍ଠ ଡିଜାଇନ ବ୍ୟବସ୍ଥାରେ ମଧ ବେଳେବେଳେ ସମସ୍ୟା ଉତ୍ପନ୍ନ ହୋଇଥାଏ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଚାମ୍ପିଅନ୍ସ ପୋର୍ଟାଲ ଏକ ପ୍ରଯୁକ୍ତି- ସକ୍ଷମ ଇଂଟରଫେଓ ଭାବରେ କାର୍ଯ୍ୟ କରିଥାଏ ଯେଉଁଠାରେ ଉଦ୍ୟୋଗୀମାନେ ସେଥିରୁ ମାର୍ଗଦର୍ଶନ ପାଇପାରିବେ, ସେମାନଙ୍କର ଉଦବେଗ ଓ ଅଭିଯୋଗ ଦରଜ କରିପାରିବେ ଏବଂ ଯୋଜନା ସମ୍ପର୍କିତ ସୂଚନା ମଧ ପ୍ରାପ୍ତ ହୋଇପାରିବେ । ୨୦୨୬ ମସିହା ଜୁନ୍ ୨୪ ତାରିଖ ସୁଦ୍ଧା, ଏହା ମୋଟ ୧,୮୫,୨୫୩ ଗୋଟି ଅଭିଯୋଗର ସମାଧାନ କରିପାରିଛି ଯାହାକି ପ୍ରାପ୍ତ ମୋଟ ଅଭିଯୋଗର ୯୯,.୬୬% ବୋଲି ଜଣାପଡ଼େ । ଏମ.ଏସ.ଏମ.ଓ. ସମାଧାନ ପୋର୍ଟାଲ ଅଧିକ ନିର୍ଦ୍ଦିଷ୍ଟ ଅନ୍ୟାୟ ଭଳି ମୂଲ୍ୟ ପ୍ରଦାନ କରୁନଥିବା ସଂସ୍କୃତିକୁ ଲକ୍ଷ୍ୟ ଭାବରେ ଗ୍ରହଣ କରେ । ଏହା କ୍ଷୁଦ୍ର ଯୋଗାଣକାରୀମାନଙ୍କୁ ଦୀର୍ଘଦିନ ଧରି ଆକ୍ରାନ୍ତ କରି ରଖିଛି । ସମାଧାନ ସହିତ ମିଶି ଏମ.ଏସ.ଏମ.ଇ. ଅନଲାଇନ ବିବାଦ ସମାଧାନ (ଓ.ଡି.ଆର.) ପୋର୍ଟାଲ ଡିଜିଟାଲ ନ୍ୟାୟକୁ ଆଉ ଏକ ପାଦ ଆଗକୁ ନେବାରେ ସକ୍ଷମ ହୋଇପାରିଛି । ଅନଲାଇନ ଆପୋଷ ସମାଧାନ ଏବଂ ବିବାଦ ଫଇସଲା ମାଧ୍ୟମରେ ଏମ.ଏସ.ଏମ.ଇ.ମାନଙ୍କୁ ବ୍ୟବସାୟିକ ବିବାଦ ସମାଧାନ ନିମନ୍ତେ ସକ୍ଷମ କରି ଓ.ଡି.ଆର. ପୋର୍ଟାଲ ଭାରତର କ୍ଷୁଦ୍ର ବ୍ୟବସାୟିକ ସଂସ୍ଥାମାନଙ୍କୁ ନ୍ୟାୟ ପର୍ଯ୍ୟନ୍ତ ପହଂଚିବା ସକାଶେ ମାର୍ଗ ସମ୍ପ୍ରସାରଣ କରିଛି । ପରବର୍ତ୍ତୀ ପିଢ଼ିର ଡିଜିଟାଲ ସାଧନ ଅତଏବ ଏମ.ଏସ.ଏମ.ଇ. ଦିବସ କେବଳ ପାଳନ କରାଯିବା ଭଳି ଏକ ଦିବସ ନୁହେଁ, ବରଂ ଏହା ଭାରତର ଡିଜିଟାଲ ଯାତ୍ରାରେ ଏକ ନୂତନ ଅଧ୍ୟାୟ ସଂଯୋଗ କରିଛି ଯାହାକି ଡିଜିଟାଲ ସଂସାଧନକୁ ଆଉ ଏକ ପାଦ ଆଗକୁ ଆଗେଇ ନେବାରେ ସହାୟକ ହୋଇପାରିଛି । ପି.ଏମ.ଇ.ଜି.ପି. ୨.୦ ପୋର୍ଟାଲ ଏହି ଯାତ୍ରାକୁ ସରଳ କରିଛି ଯାହା ଆବେଦନ ଠାରୁ ସବସିଡି ବିତରଣ ପର୍ଯ୍ୟନ୍ତ ପରିବ୍ୟାପ୍ତ, ଯଦ୍ୟପି ଏମ.ଏସ.ଏମ.ଇ. ସମାଧାନ ୨.୦ ପେମେଂଟ ବିବାଦ ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି ଏବଂ ଏମ.ଏସ.ଏମ.ଇ. ଗ୍ଲୋବାଲ ମାର୍ଟ ୨.୦ ବି୨ବି ଏବଂ ବି୨ସି ବାଣିଜ୍ୟ ନିମନ୍ତେ ଏକ ସରକାରୀ ସମର୍ଥିତ ମାର୍କେଟପ୍ଲେସ ସମନ୍ୱିତ ଓ.ଏନ.ଡି.ସି. ଇକୋସିଷ୍ଟମ୍ ଯୋଗାଇଛି । ଏହା ଭାରତର କ୍ଷୁଦ୍ର ବ୍ୟବସାୟିକ ସଂସ୍ଥାମାନଙ୍କୁ ବୈଶ୍ୱିକ ମଂଚରେ ପହଂଚାଇଛି । ଆମେ ଯେତେବେଳେ କୃତ୍ରିମ ପ୍ରଜ୍ଞା (ଏ.ଆଇ.) ଏବଂ ଡିଜିଟାଲ ପ୍ରଯୁକ୍ତିକୁ ଆପଣାଇବାକୁ ଯାଉଛୁ, ଆମର ସଂକଳ୍ପ ଅତୁଟ ରହିଛି ଯେ ଯେପରି କୌଣସି ଜଣେ ସୁଦ୍ଧା ଉଦ୍ୟୋଗୀ ଏହି ପରିବର୍ତ୍ତନ ଯାତ୍ରାରେ ପଛରେ ରହି ନଯାଆନ୍ତି । ବୃହତର ଛବି ଏହିସବୁ ପୋର୍ଟାଲଗୁଡ଼ିକ ଏକକ କାରକ ଭାବରେ ତିଷ୍ଠି ରହିନାହାନ୍ତି । ବରଂ ସେମାନେ ଆନ୍ତଃ-ସହଯୋଗୀ ଡିଜିଟାଲ ଇକୋସିଷ୍ଟମ ଗଠନ କରନ୍ତି ଯାହା ଅନୁପାଳନ ବୋଝକୁ ହ୍ରାସ କରେ, ଡାଟାବେସକୁ ସମନ୍ୱିତ କରେ ଏବଂ ଉଦ୍ୟୋଗୀ ଓ ସରକାରଙ୍କ ମଧ୍ୟରେ ରିଅଲ ଟାଇମ୍ ସୂଚନା ଆଦାନ ପ୍ରଦାନକୁ ସକ୍ଷମ କରାଏ । ତେଣୁ ଏହା କେବଳ ସୁବିଧାଜନକ ସ୍ଥିତି ସୃଷ୍ଟି କରିନାହିଁ, ଅପରପକ୍ଷେ ଢାଂଚାଗତ ଅସୁବିଧାକୁ ମଧ ଦୂର କରିଛି ଯାହାକି ଦୀର୍ଘ ଦିନରୁ ଏକ ବିଶାଳ, ସହରାଂଚଳ ଏବଂ ଉତମ ସଂଯୋଗୀ ସାଂଗଠନିକ ସୁବିଧା ଯୋଗାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଅ୨୦୪୭ ପରିକଳ୍ପନା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) କ୍ଷେତ୍ରକୁ ଏହାର କେନ୍ଦ୍ରବିନ୍ଦୁରେ ଉପସ୍ଥାପନ କରେ । 'ସବକା ସାଥ, ସବକା ବିକାଶ' କେବଳ ଏକ ସ୍ଲୋଗାନ ନୁହେଁ ବରଂ ଏହା ଏକ କାର୍ଯ୍ୟକ୍ଷମ ନୀତି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗମାନଙ୍କୁ ବ୍ୟାଙ୍କ ଋଣ ଯୋଗାଣ ୦୧.୦୪.୨୦୧୪ ମସିହା ସୁଦ୍ଧା ୧୦.୪୦ ଲକ୍ଷ କୋଟି ଟଙ୍କା ଥିବାବେଳେ ୩୧.୧୨.୨୦୨୫ ସୁଦ୍ଧା ତାହା ୩୬.୭୯ ଲକ୍ଷ କୋଟି ଟଙ୍କା ଛୁଇଁଛି ଯାହାକି ବିଗତ ୧୨ ବର୍ଷ ମଧ୍ୟରେ ୨୬୮% ଅଭିବୃଦ୍ଧି ବୋଲି ଜଣାପଡ଼େ । ଏହା ବଡ଼ ବଡ ଉଦ୍ୟୋଗୀମାନଙ୍କ ଋଣ ଗ୍ରହଣ ଅଭିବୃଦ୍ଧିକୁ ମଧ ଟପିଯାଇଛି । ତେଣୁ ଡିଜିଟାଲ ଏମ.ଏସ.ଏମ.ଇ. ଷ୍ଟାକ୍ ନିର୍ଦ୍ଦିଷ୍ଟ ଭାବରେ ସେହି ପ୍ରତିଶ୍ରୁତିର ଏକ ଢାଂଚା । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ମାନେ ହେଉଛନ୍ତି ସେହି ସଂସ୍ଥା ଯେଉଁଠାରେ ସବୁଠାରୁ ଅଧିକ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଥାଏ, ଯେଉଁଠାରେ ଗ୍ରାମାଂଚଳ ଶିଳ୍ପାୟନ ବିସ୍ତାରିତ ହୋଇଥାଏ ଏବଂ ଯେଉଁଠାରେ ଅଣ ଆନୁଷ୍ଠାନିକରୁ ଆନୁଷ୍ଠାନିକ ଆର୍ଥିକ କାର୍ଯ୍ୟକଳାପ ପରିବର୍ତ୍ତିତ ହୋଇ ପୂର୍ଣ୍ଣାଙ୍ଗ ଆକାର ଧାରଣ କରିଥାଏ । ତେଣୁ ସେମାନଙ୍କ ଚତୁଃପାଶ୍ୱର୍ରେ ଏବେ ଯେଉଁ ଡିଜିଟାଲ ଢାଲ ନିର୍ମାଣ କରାଯାଉଛି ତାହା ବିକଶିତ ଭାରତର ସଂଯୋଗୀ ମାଂସପେଶୀ ବୋଲି ବିବେଚନା କରାଯାଇପାରେ । ପ୍ରତିଟି ପଞ୍ଜୀକରଣ, ପ୍ରତିଟି ଆର୍ଥିକ ସାହାଯ୍ୟପ୍ରାପ୍ତ ଇନଭଏସ ପାଇଁ ହୋଇଥିବା ଅନଲାଇନ ବିବାଦ ସମାଧାନ ୨୦୪୭ ମସିହାର ବିକଶିତ ଭାରତ ନିର୍ମାଣ ଦିଗରେ ଗୋଟିଏ ଗୋଟିଏ ଅପରିବର୍ତ୍ତନୀୟ, ଅଗ୍ରଗାମୀ ପଦକ୍ଷେପ । ଏହି ପୋର୍ଟାଲ ନିୟୁତ ନିୟୁତ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ବଜାର, ଆର୍ଥିକ ସଂସ୍ଥା ଏବଂ ପ୍ରଶାସନ ସହିତ ସଂଯୋଗ କରେ ଯାହା ସେମାନଙ୍କ ପାଇଁ ଆଦୌ ଡିଜିଟାଲ ଅସୁବିଧା ସୃଷ୍ଟି କରି ନଥାଏ । ସେମାନେ ପ୍ରତିଟି ବାଇଟରେ ଗୋଟିଏ ଗୋଟିଏ ଇଟା ଭଳି ଭାରତର ଉଦ୍ୟୋଗୀମାନଙ୍କ ଆକାଂକ୍ଷାର ସୌଧ ନିର୍ମାଣ କରନ୍ତି, ଯାହା କୌଣସି ଉଦ୍ୟୋଗୀଙ୍କୁ ପଛରେ ଛାଡ଼ି ନଯିବା ନିମନ୍ତେ ବଦ୍ଧପରିକର ।

***(ଲେଖିକା କେନ୍ଦ୍ର ସରକାରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ)***

# ରାସ୍ତା ନିର୍ମାଣକୁ ନେଇ ମେଲଣଡିହରେ ତୀବ୍ର ଉତେଜନା

ଧାମନଗର(ନିପ୍ର): ଧାମନଗର ତହସିଲ ଅନ୍ତର୍ଗତ ପଳିକିରି ମୌଜାର ମେଲଣଡିହ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣକୁ କେନ୍ଦ୍ର କରି ଏକ ବିବାଦ ମୁଣ୍ଡ ଟେକିଛି । ପ୍ରାୟ ୪.୨୩ କୋଟି ଟଙ୍କା ବ୍ୟୟ ବରାଦରେ ପିବି ହାଇସ୍କୁଲ ଛକ ଠାରୁ ଚିଲପଦୀ ଭାୟା ପଦ୍ମପୋଖରୀ ଗ୍ରାମ୍ୟ ଉନ୍ନୟନ ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ଗୁରୁବାର ସନ୍ଧ୍ୟାରେ ମେଲଣଡିହ ଗ୍ରାମ ଠାରେ ଗ୍ରାମର ଜ ନଦୀ ପୋଲ ନିକଟରେ ଏବଂ ଏକ ପାନ ଦୋକାନ ସମ୍ମୁଖରେ ବାଡ଼ ବୁଜି ରାସ୍ତା ଅବରୋଧ କରାଯାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଚାପା ଉତେଜନା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ମେଲଣଡିହ ଗ୍ରାମର ନାରାୟଣ ଚନ୍ଦ୍ର ସାହୁ ଉକ୍ତ ନିର୍ମାଣାଧୀନ ରାସ୍ତାରେ ଥିବା କିଛି ଅଂଶକୁ ନିଜର ବ୍ୟକ୍ତିଗତ ପତିତ ଜମି ବୋଲି ଦାବି କରିଛନ୍ତି । ସେ ପ୍ରକାଶ କରିଛନ୍ତି ଯେ ରାଧାବଲ୍ଲଭପୁର ଆର.ଆଇ ସର୍କଲ ଅନ୍ତର୍ଗତ ପଳିକିରି ମୌଜାର ଖାତା ନମ୍ବର ୫୫୫ ଏବଂ ପ୍ଲଟ ନମ୍ବର ୧୦୩୬ ବିଶିଷ୍ଟ ପ୍ରାୟ ୫ ଗୁଣ୍ଠ ଜମି ତାଙ୍କର ନିଜସ୍ୱ ଅଟେ । ବିନା ମୂଲ୍ୟରେ ସେ ନିଜ ଜମି ଛାଡ଼ିବାକୁ ନାରାଜ ଥିବା ବେଳେ ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଯଦି ଜମିର ଉପଯୁକ୍ତ ସରକାରୀ ମୂଲ୍ୟାୟନ ପ୍ରଦାନ କରାଯାଏ, ତେବେ ସେ ଜାଗା ଛାଡ଼ିବାକୁ ପ୍ରସ୍ତୁତ ବୋଲି କହିଛନ୍ତି । ଏଣୁ ପ୍ରଶାସନ ତୁରନ୍ତ ସେହି ଜାଗାର ସରକାରୀ ମୂଲ୍ୟ ପ୍ରଦାନ କରି ଅଟକି ରହିଥିବା ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରୁ ବୋଲି ସେ ଦାବି କରିଛନ୍ତି । ଅପରପକ୍ଷରେ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ ନାରାୟଣ ସାହୁ ବାଡ଼ ବୁଜି ଦେବା ଫଳରେ ଗ୍ରାମରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ଏବଂ କେବଳ ବାଇକ୍ ଯିବା ଆସିବା ପାଇଁ ସାମାନ୍ୟ ସ୍ଥାନ ବାକି ରହିଛି । ଗତକାଲି ସନ୍ଧ୍ୟାରେ ଏହି ରାସ୍ତା ଅବରୋଧକୁ ନେଇ ଗ୍ରାମବାସୀମାନେ ଧାମନଗର ଥାନାର ଦ୍ୱାରସ୍ଥ ହେବା ସହ ଏକ ଲିଖିତ ଅଭିଯୋଗ କରିଛନ୍ତି । ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ଧାମନଗର ଥାନା ପକ୍ଷରୁ ଗ୍ରାମବାସୀଙ୍କ ଏହି ଜମିଜମା ବିବାଦର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ତହସିଲଦାରଙ୍କ ନିକଟକୁ ଯିବାକୁ ପରାମର୍ଶ ଦିଆଯାଇଛି ଏବଂ ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ଆଶ୍ୱାସନା ଦିଆଯାଇଛି ।

# ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ ପାଳିତ

ଖୋର୍ଦ୍ଧା(ନିପ୍ର): ଯୁବଶକ୍ତି ରାଷ୍ଟ୍ରର ପ୍ରଚଣ୍ଡ ଶକ୍ତି । ଯୁବ ଶକ୍ତି ସଚେତନ ହେଲେ ସମାଜ ଓ ରାଷ୍ଟ୍ରର ଦୃତ ବିକାଶ ହେବ । ନିଶାମୁକ୍ତ ଭାରତ ଅଭିଯାନ ଏବଂ ବିକଶିତ ଭାରତ ର ସ୍ୱାଭିମାନ ସମ୍ଭବ ହେବ । ନିଶା ମୁକ୍ତ ଜୀବନ ଚୟନ କରିବା, ପରିବାରକୁ ସୁରକ୍ଷିତ ରଖିବା, ସୁସ୍ଥ ମନ, ସୁସ୍ଥ ଶରୀର, ସୁନ୍ଦର ଭବିଷ୍ୟତ ଗଢି ତୋଳିବା, ସମାଜକୁ ନିଶାମୁକ୍ତ କରିବା ଆଦି ଦିଗରେ ଯୁବ ଶକ୍ତି ଆଗକୁ ବଢ଼ିଲେ ଏକ ସୁନ୍ଦର ବିକଶିତ ପରିବର୍ତ୍ତନଶୀଳ ଆମ ଖୋର୍ଦ୍ଧା ଜିଲ୍ଲା, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବାକୁ ଯୁବଶକ୍ତି ଓ ପ୍ରତ୍ୟେକ ନାଗରିକ ନିଜ ନିଜ ଭିତରେ ଜାଗରଣ ସୃଷ୍ଟି କରି ନିଜେ ବଦଳିବା ସହ ସମସ୍ତଙ୍କୁ ବଦଳାଇବାକୁ ସ୍ଥାନୀୟ ହାବେଳୀ ପଡିଆ ଠାରେ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ - ୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଜିଲ୍ଲାପାଳ, ଖୋର୍ଦ୍ଧା, ସଂକଳ୍ପ ସ୍ୱସ୍ତିକ ସାହୁ ସବୁଜ ପତାକା ଦେଖାଇ ଏକ ବିଶାଳ ଜନ ସଚେତନତା ରାଲିକୁ ଏବଂ ନିଶାମୁକ୍ତି ସଚେତନତା ରଥକୁ ଶୁଭାରମ୍ଭ କରି ଉପରୋକ୍ତ ବିଷୟ ଆହ୍ୱାନ ଦେଇଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ,ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗ ମିଳିତ ଆନୁକୁଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା, ଦିଲ୍ଲୀପ ହିଆଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ଖୋର୍ଦ୍ଧା, ସଦର ବି ଡି ଓ, ସିଦ୍ଧାର୍ଥ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧା , ଲକ୍ଷ୍ମଣ କୁମାର ବେହେରା ଯୋଗ ଦେଇଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଏବଂ ଯୁବକ, ଯୁବତୀ, ମହିଳା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ମଧ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ବିଶାଳ ରାଲି ହାବେଳୀ ପଡ଼ିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଂଚି ଥିଲା । ସେଠାରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ସର୍ବାଧିକ ଯୁବକ ଯୁବତୀ ନିଶାମୁକ୍ତ ଭାରତ ଅଭିଯାନରେ ଯୋଗ ଦେବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରି ସମାଜରେ ସବୁ ସ୍ତରର ଲୋକ ଓଡ଼ିଶାକୁ ତଥା ଖୋର୍ଦ୍ଧା ଜିଲ୍ଲାକୁ ନିଶାମୁକ୍ତ କରିବାପାଇଁ ଆହ୍ୱାନ ଦେଇ ଦେଶକୁ ନିଶାମୁକ୍ତ କରିବା ପାଇଁ ଶପଥ ପାଠ କରାଇଥିଲେ । ପରେ ବିଭିନ୍ନ ନିଶାମୁକ୍ତି ଅଭିଯାନରେ ଉଲ୍ଲେଖନୀୟ ସେବାପାଇଁ ସଫଳ ବ୍ୟକ୍ତିତ୍ୱଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ପରିଶେଷରେ ନିଶାମୁକ୍ତ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ ଉପଲକ୍ଷେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇ ଥିଲା । ଏହି ଦିବସରେ ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଂସ୍ଥା, ଖୋର୍ଦ୍ଧା ଓ ଭୁବନେଶ୍ୱର ଶାଖା ସହ ଅନେକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଯୋଗ ଦେଇଥିଲେ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ଦୁଷ୍କର୍ମକାରୀ ବାପାଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ

ଯାଜପୁର(ନିପ୍ର): ସଇତାନ ସାଜିଲା ଜନ୍ମ କଲା ବାପା । ନିଜ ନାବାଳିକା ଝିଅ ସଙ୍ଗେ ରଖୁଥିଲା ଅନୈତିକ ସମ୍ପର୍କ । ଝିଅକୁ ଦୁଷ୍କର୍ମ କରି ଶେଷରେ ଜେଲ ଗଲା ସଇତାନ ବାପା । ୧୨ ବର୍ଷୀୟ ନାବାଳିକା ଝିଅକୁ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ । ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ବାପାଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଲେ ଯାଜପୁରର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ । ଅଭିଯୁକ୍ତ ହେଲେ ସୁକିନ୍ଦା ଥାନା ଅଂଚଳର ବାପା । ୨୦୨୪ ମସିହା ସୁକିନ୍ଦା ଥାନା ଅଂଚଳର ନାବାଳିକା ଝିଅକୁ ବିଭିନ୍ନ ବାହାନାରେ ବାରମ୍ବାର ଯୌନ ଉତ୍ପୀଡନ ଦେଇ ଆସୁଥିଲେ ଅଭିଯୁକ୍ତ ବାପା । ଏ ନେଇ ପିଡିତା ସଖୀ ସେଂଟରକୁ ଜଣାଇଥିଲେ । ପରେ ସଖୀ ସେଂଟର କର୍ମକର୍ତ୍ତା ପକ୍ଷରୁ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗ କୁ ଭିତି କରି ଦୁଷ୍କର୍ମକାରୀ ବାପା ଙ୍କୁ ପୋଲିସ ପୋକ୍ସୋ ଧାରା ୬ ଓ ୪ ଅନୁଯାୟୀ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଆଜି ଏହି ମାମଲା ର ଶୁଣାଣି କରିଛନ୍ତି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ । ୨୫ଜଣଙ୍କ ସାକ୍ଷ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି । ଏଥି ସହିତ ଅନାଦୟ ୧୫ ମାସ ଅଧିକ କାରାଦଣ୍ଡାଦେଶ ସହ ପିଡିତା ଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ମଧ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଳାସ ସେନାପତି । ଏହି ମାମଲା କୁ ସରକାରୀ ଓକିଲ ଶ୍ରୀନିବାସ ସାହୁ ପରିଚାଳନା କରିଛନ୍ତି ।

# ଦେବର୍ଷି ନାରଦ ଜୟନ୍ତୀ ଅବସରରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା




ନୟାଗଡ଼(ନିପ୍ର): ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନୟାଗଡ଼ ସ୍ଥିତ ସୃଜନ ଗୃହରେ ଦେବର୍ଷି ନାରଦ ଜୟନ୍ତୀ ଗମ୍ଭୀର ଓ ଭକ୍ତିମୟ ପରିବେଶରେ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ସାମ୍ବାଦିକ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ କ୍ଷେତ୍ର ଧର୍ମ ଜାଗରଣ ପ୍ରମୁଖ ବିନୟ ଭୂଇଁଆ ଦେବର୍ଷି ନାରଦଙ୍କ ଆଦର୍ଶ, ସତ୍ୟ ସୂଚନା ପ୍ରସାର ଓ ମୂଲ୍ୟବୋଧ ଆଜିର ସାମ୍ବାଦିକତା ପାଇଁ କିପରି ପ୍ରେରଣାଦାୟକ, ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ସହ ପ୍ରଚାର ପ୍ରମୁଖ ସୌମ୍ୟପ୍ରସାଦ ପରିଡ଼ା ଏବଂ ପୂର୍ବତନ ଇଟାମାଟି କଲେଜର ପୂର୍ବତନ ଅଧକ୍ଷ ହର ପ୍ରସାଦ ରଣଶିଙ୍ଗ ଯୋଗଦେଇ ଗଣମାଧମର ଦାୟିତ୍ୱବୋଧ, ନିରପେକ୍ଷତା ଓ ଜନସେବାମୂଳକ ସାମ୍ବାଦିକତାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସମାଜ ସେବୀ ତଥା ଯୋଗ ଗୁରୁ କମଳକାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସାମ୍ବାଦିକମାନଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହ ନୟାଗଡ଼ ଜିଲ୍ଲାର ସାମ୍ବାଦିକମାନଙ୍କ ସମାଜ ପ୍ରତି ଅବଦାନକୁ ମଧ ସ୍ୱୀକୃତି ଜଣାଯାଇଥିଲା । କାର୍ଯ୍ୟକ୍ରମରେ ସାମ୍ବାଦିକ ଭବନ ସଭାପତି ବରିଷ୍ଠ ସାମ୍ବାଦିକ ବୈଦ୍ୟ ଭୂଷଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ସାମ୍ବାଦିକ ରଜତ ପଟ୍ଟନାୟକ ଓ ସାମ୍ବାଦିକ ଜନ୍ମେଜୟ ଦଳେଇ, ସାମ୍ବାଦିକ ଉତ୍ପଳ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଉପାଦେୟ ବକ୍ତବ୍ୟ ରଖିଥିଲେ ।

## ଝାରସୁଗୁଡ଼ାରେ ପାଳିତ ହେଲା ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରାଚାଲାଣ ବିରୋଧ ଦିବସ

ଝାରସୁଗୁଡ଼ା (ନି.ପ୍ର.): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ଅବକାରୀ ବିଭାଗ, ଝାରସୁଗୁଡ଼ାର ମିଳିତ ଆନୁକୂଲ୍ୟରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟଠାରେ ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରାଚାଲାଣ ବିରୋଧ ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୭ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ କିଷାନ ଛକ ଓ ବେହେରାମାଲ ଛକ ଦେଇ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ପ୍ରଦର୍ଶନ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ



ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବ୍ରହ୍ମକୁମାରୀ ଅନୁଷ୍ଠାନର ରୀନା (ମୁଖ୍ୟ ବକ୍ତା), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତାମାନେ ଉପସ୍ଥିତ ଥିଲେ ।ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁନୀଲ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ପରେ ପୂର୍ବରୁ ଆୟୋଜିତ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।ଏହାପରେ ବେଲପାହାଡ଼ସ୍ଥିତ ମିରର ଥିଏଟର ପକ୍ଷରୁ ନିଶାସେବନର କୁପ୍ରଭାବ ଉପରେ ପର୍ଯ୍ୟବେକ୍ଷିତ ଏକ ସଚେତନତାମୂଳକ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଦର୍ଶକଙ୍କୁ ସଚେତନ କରିବା ସହ ବେଶ୍ ପ୍ରଭାବିତ କରିଥିଲା । ଶେଷରେ କନିଷ୍ଠ କିରାଣି ଆଦିତ୍ୟ କୁମାର ବାଦୀ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମର ସମାପନ କରିଥିଲେ ।

## ୩ଗୋଟି ପୃଥକ ସ୍ଥାନରେ ଚଢ଼ାଉ କରି ୭୦ କେଜି ଗଂଜେଇ ଜବତ ଏବଂ ୬ ଗିରଫ

ବ୍ରହ୍ମପୁର (ନି.ପ୍ର.): ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ୭୦ କେଜି ଗଂଜେଇ ଜବତ କରାଯିବା ସହ ଗଂଜେଇ ଚାଲାଣରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି କ୍ଷ ମିଳିଥିବା ଖବର ଅନୁଯାୟୀ ପୂର୍ବ ସୂଚନା ଅନୁଯାୟୀ ବ୍ରହ୍ମପୁର ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ପୃର୍ଥକ ସ୍ଥାନ



ଯଥାକ୍ରମେ ରତନପୁର, ବ୍ରହ୍ମପୁର ସହର ଫାଷ୍ଟଗେଟ ଏବଂ ଷ୍ଟେସନ ନିକଟରେ ଚଢ଼ାଉ କରି ସମୁଦାୟ ୭୦ କେଜି ଗଂଜେଇ ଜବତ କରାଯାଇଛି କ୍ଷ ଏହି ଗଂଜେଇ ଚାଲାଣରେ ସମ୍ପୃକ୍ତ ଥିବା ୬ଜଣ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ଦୁଇଗୋଟି ବାଇକ ମଧ୍ୟ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୁଚନା ମିଳିଛି ।

## ଦେଭୋଗ ପଂଚାୟତରେ 'ବିକାଶର ଧାରା ଓଡ଼ଶା ସାରା'କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ

ବାଲିଆପାଳ,(ନି.ପ୍ର) ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତି ଅବସରରେ ଶୁକ୍ରବାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଂଚାୟତ କାର୍ଯ୍ୟାଳୟ ପରିସରେରେ ବିକାଶର ଧାରା ଓଡ଼ଶା ସାରା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମ ରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଇ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବ[ନ କରିଥିଲେ ।ଏହି ଅବସରରେ ରେ ଦେଭୋଗ ପଂଚାୟତର ସରପଂଚ ସବିତା ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାୟିକା ଶ୍ରୀମତୀ ଜେନ, ମୁଖ୍ୟ ବକ୍ତା ଭାବରେ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ସମ୍ମାନିତ ଅତିଥି ଭାବରେ ସମିତି ସଦସ୍ୟା କଲ୍ୟାଣୀ ନାୟକ, ସମାଜସେବୀ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ବିଷୟ ରେ ବକ୍ତବ୍ୟ ପ୍ରଦାନ କରିବା ସହିତ ହିତାଧିକାରୀ ମାନଙ୍କୁ ଆୟୋଷ୍ମାନ ସ୍ୱାସ୍ଥ୍ୟ କାର୍ଡ ,ନୂଆ ରେସନ କାର୍ଡ ସହିତ ଆର୍ଥିକ ରାଶି, ଅନ୍ତର୍ଦ୍ୱୟ ଗୃହ ଯୋଜନାରେ ୱର୍କଅଡର ଆଦି ବିଭିନ୍ନ ଯୋଜନା ବ[ନ କରିଥିଲେ । ଏହି ଅବସର ରେ ଅନୁଷ୍ଠିତ ସଭାକୁ ସାମାଜିକ କର୍ମୀ ଧନଞ୍ଜୟ ଗିରି ସଂଚାଳନ କରିଥିବା ବେଳେ ଏଡିଓ ସବିତା ପୃଷ୍ଟି ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ



।ପିଇଓ ସ୍ମୃତିପ୍ରଭା ମାହାପାତ୍ର ଙ୍କ ପରିଚାଳନାରେ ସ୍ୱୟଂସହାୟକ ଗୋଷ୍ଟୀର ଏମବିକେ କଂଚାନ ରାଉଳ, ଜିଆରଏସ ସୁଜାତା ଜେନା, ୱାଡ ସଭ୍ୟା ତିଳୋତମା ଦଳାଇ ସମସ୍ତ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ । ଏହି କାର୍ଯ୍ୟ କ୍ରମରେ ରେ ବିଭିନ୍ନ ଅଙ୍ଗନୱାଡି କର୍ମୀ,ସ୍ୱୟଂସହାୟକ ଗୋଷ୍ଠୀ ର ସଦସ୍ୟା, ଆଶା କର୍ମୀ ସହିତ ପଂଚାୟତ ବାସୀ ଉପସ୍ଥିତ ଥିଲେ ।

## ଉତ୍କଳ ଆଶ୍ରମ ପକ୍ଷରୁ ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଂଚଳ ପାତ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା

ବ୍ରହ୍ମପୁର (ନି.ପ.): ଓଡ଼ିଆ ଜାତୀୟତାର ଐତିହାସିକ ସ୍ମୃତିପୀଠ ଉତ୍କଳ ଆଶ୍ରମ ପକ୍ଷରୁ ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଂଚଳ ପାତ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି କ୍ଷ ଗତ ଜୁନ୍ ୨୩ ତାରିଖ ଦିନ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଲୋକନାଟ୍ୟ ଗୁରୁ ସୀମାଂଚଳ ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ କ୍ଷ ନୂଆଦିଲ୍ଲୀରୁ ଫେରିବା ପରେ ଗୁରୁବାର ଅପରାହ୍ଣରେ ସେ ଭୁବନେଶ୍ୱରରେ ପହଂଚିଥିଲେ ଏବଂ ବିଳମ୍ବିତ ଅପରାହ୍ଣରେ ଭୁବନେଶ୍ୱରରୁ ବାହାରି ରାତି ସାଢ଼େ ୮ଟାରେ ବ୍ରହ୍ମପୁର ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ କ୍ଷ ଉତ୍କଳ ଆଶ୍ରମ ନ୍ୟାସ ପକ୍ଷରୁ ପ୍ରହ୍ଲାଦ ନାଟକର ଖ୍ୟାତିପ୍ରାପ୍ତ ବର୍ଷୀୟାନ୍ ଗୁରୁ ପଦ୍ମଶ୍ରୀ ସୀମାଂଚଳ ପାତ୍ରଙ୍କୁ ଉପଢୌକନ ଓ ପୁଷ୍ପସ୍ତବକ ପ୍ରଦାନ ପୂର୍ବକ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା କ୍ଷ ପଦ୍ମଶ୍ରୀ ପାତ୍ରଙ୍କ ସାନପୁଅ ସାଇବ ପାତ୍ର ଓ ଲୋକନାଟ୍ୟ କଳାକାର ଆଲୋକ ବିଷୋୟୀ ମଂଚାସୀନ ଥିଲେ କ୍ଷ ଉତ୍କଳ ଆଶ୍ରମ ନ୍ୟାସର ସଂପାଦକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହି ସମ୍ବର୍ଦ୍ଧନା ସଭାରେ ପୌରୋହିତ୍ୟ କରିଥିଲେ କ୍ଷ କଳିଙ୍ଗ ସାହିତ୍ୟ ସମାଜ ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ଅନନ୍ତରାମ କର କୌଣ୍ଡିନ୍ୟ, ବଡ଼ଖେମୁଣ୍ଡି ରାଜ ପରିବାର ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଡ. ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ଡ. କୁଳମଣି ଓଝା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ପ୍ରଦୋଷ କୁମାର ସ୍ୱାଇଁ, ଡ. ଅଶୋକ କୁମାର ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ନଳିନୀକାନ୍ତ ଗୌଡ଼, ଦିନବନ୍ଧୁ ଶ୍ରୀପଲ୍ଲ, ରାଜଗୋପାଳ ପାଢ଼ୀ, ଡ. ମିହିର କୁମାର ତ୍ରିପାଠୀ, ସମୀର ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ନାୟକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ପଦ୍ମଶ୍ରୀ ପାତ୍ରଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ

ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.): ଆନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ ତସକରି ବିରୋଧ ଦିବସ-୨୦୨୬ ଅବସରରେ ଗଞ୍ଜାମ ଜିଲ୍ଲାରେ ଗତ ୧୭ ଜୁନରୁ ଆରମ୍ଭ ହୋଇଥିବା ୧୦ ଦିନବ୍ୟାପୀ "ନିଶାମୁକ୍ତ ଭାରତ ଅଭିଯାନ" ଗୁରୁବାର ଛତ୍ରପୁରଠାରେ ବ୍ୟାପକ ଜନସହଭାଗିତା ମଧ୍ୟରେ ଉଦ୍ ?ଯାପିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ଜିଲ୍ଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ନିଶାମୁକ୍ତ ସମାଜ ଗଠନର ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା । ଏହି ଅବସରରେ ଆଜି ସକାଳେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଏବଂ ସୁନୀଲ କୁମାର କେରକେଟା ମିଳିତ ଭାବେ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ନିଶାମୁକ୍ତି ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଓ ବ୍ୟାନର ଧରି ଅଂଶଗ୍ରହଣକାରୀମାନେ ଛତ୍ରପୁର ସହର ପରିକ୍ରମା କରିଥିଲେ ।

ଶୋଭାଯାତ୍ରା ସ୍ଥାନୀୟ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପହଂଚିବା ପରେ ସେଠାରେ ଏକ ସମୂହ ଶପଥପାଠ କରାଯାଇଥିଲା । ଉପସ୍ଥିତ ସମସ୍ତେ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ କରିବା ଓ ସମାଜରୁ ନିଶା ଦୂର କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ଜିଲ୍ଲାବ୍ୟାପୀ ପାଳିତ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ସ୍କୁଲ, କଲେଜ ଓ ବ୍ଲକ ସ୍ତରରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା, ଶପଥ ଗ୍ରହଣ ଓ ସଚେତନତା ଶୋଭାଯାତ୍ରା ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ନିଶାମୁକ୍ତ ବ୍ୟକ୍ତିବିଶେଷ ଓ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଲକ୍ଷ୍ୟ କରାଯାଇଥିଲା । ନିଶା ସେବନ ଦ୍ୱାରା ସୃଷ୍ଟି ହେଉଥିବା ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ କ୍ଷତି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ପ୍ରେରିତ କରାଯାଇଥିଲା । ଗଞ୍ଜାମ ଜିଲ୍ଲାର ଛତ୍ରପୁର, ଖଲ୍ଲିକୋଟ ଏବଂ କନିସିଠାରେ କାର୍ଯ୍ୟରତ ତିନୋଟି ସମନ୍ୱିତ ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ମାଧ୍ୟମରେ ଏହି ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ନିଶାମୁକ୍ତ ବ୍ୟକ୍ତିବିଶେଷ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ । ଏଥିରେ ଛତ୍ରପୁର ଓ ବ୍ରହ୍ମପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ସମସ୍ତ ବ୍ଲକସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳିତ

ତାଳଚେର(ନି.ପ୍ର.): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ର ଆଜି ଜୁନ ୨୬ ଶୁକ୍ରବାର ୫୭ ତମ ଜନ୍ମଦିନ । ସେ ୨୬ ଜୁନ ୧୯୬୯ ମସିହା ରେ ଜନ୍ମ ଗ୍ରହଣ କରିଥିଲେ ।ତାଙ୍କର ଜନ୍ମଦିନ କୁ ସମଗ୍ର ଦେଶର ବିଭିନ୍ନ ସ୍ଥାନରେ ଉତ୍ସାହ ଉଦ୍ଦୀପନା ର ସହ ପାଳନ କରାଯାଇଛି ।ଅନୁଗୁଳ ଜିଲ୍ଲା ର ବହୁ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ଙ୍କର ଜନ୍ମଦିନ ପାଳିତ ହୋଇଛି ।ତାଳଚେର ର ବିଭିନ୍ନ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ଙ୍କର ଜନ୍ମଦିନ ପାଳନ କରାଯାଇଛି ।ତାଳଚେର ସନ୍ତୁପଡା ପଂଚାୟତ ରେ ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ଙ୍କ ଉପସ୍ଥିତ ରହି ଦାସନାଳୀ ଠାରେ ମନ୍ଦିରରେ ପୂଜାର୍ଚ୍ଚନା, ବୃକ୍ଷ ରୋପଣ ଓ ଅଙ୍ଗନବାଡି କେନ୍ଦ୍ରରେ ଫଳ ବିତରଣ କରିଥିଲେ ।ମଣ୍ଡଳ ସଭାପତି ସନ୍ତୋଷ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ସରପଂଚ ସହଦେ୍ୱ ସାହୁ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।ଘ[ ପଡା ସେ୍[ାଲ ହସ୍ପିଟାଲ ମା ଦକ୍ଷିଣ



କାଳୀ ମନ୍ଦିର ରେ ସାମୁହିକ ପୂଜାର୍ଚ୍ଚନା ଓ ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକ, ସମିତି ସଦସ୍ୟ କରୁଣା କର ସାହୁ, ସରପଂଚ ସସ୍ମିତା ବିଶ୍ୱାଳ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ ମେଡିକାଲ କଲେଜ ପ୍ରତିନିଧି ସୁନୀଲ ପଟ୍ଟନାୟକ, ପ୍ରାକ୍ତନ ମଣ୍ଡଳ ସଭାପତି ବରୁଣ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁ ବେହେରା, ପ୍ରାକ୍ତନ ସମିତି ସଦସ୍ୟା ସରୋଜିନୀ ବେହେରା, ପ୍ରାକ୍ତନ ସରପଂଚ ସୁନୀଲ ବିଶ୍ୱାଳ, ନିରଞ୍ଜନ ସାହୁ, ନାଏବ ସରପଂଚ ରାଜୀବ ଦାସ, ଶିବାନନ୍ଦ ଥାପ୍ପ,ମଦନ ପ୍ରଧାନ,ବିଜୟ ସାହୁ ,ଜଗଦୀଶ ପ୍ରସାଦ ସିଂହ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।ସମସ୍ତ ମଣ୍ଡଳ, ପଂଚାୟତ, ତଥା ଗ୍ରାମରେ କେନ୍ଦ୍ରମନ୍ତ୍ରୀ ଙ୍କର ଜନ୍ମଦିନ ପାଳିତ ହୋଇଛି ।

## ବର୍ଷକୁ ୪୫ କୋଟି ମାଛ ଯାଆଁଳା ପ୍ରସ୍ତୁତ କରି ବାହାର ରାଜ୍ୟକୁ ପଠାଇବାରେ ସକ୍ଷମ ହୋଇଛନ୍ତି ଖଡିଆଳ ତାରାପୁର ର ନୀଳମାଧବ ଫିସେରିଜ୍

ନୂଆପଡ଼ା(ନି.ପ୍ର.)ମନୁଷ୍ୟ କୁ ଛାଡି ପଶୁ ପକ୍ଷୀ ମାନଙ୍କୁ ଇଞ୍ଜେକସନ ଦେଇ ସୁସ୍ଥ କରିବା କଥା କିନ୍ତୁ ଆପଣଙ୍କୁ ଆଜି ଦେଖେଇବୁ ବଡ ମାଛ କୁ ଇଞ୍ଜେକସନ ଦେବାର ଦୃଶ୍ୟ ଟିକେ ନିଆରା । ମାଛ କୁ ଇଞ୍ଜେକସନ ଦେଇ ଗର୍ଭବତୀ ହେଲା ପରେ ମାଛ ଯାଆଁଳା ପ୍ରସ୍ତୁତି କରି ଆଙ୍ଗୁଳି ସାଇଜ ହେଲା ପରେ ବାହାର ରଜ୍ୟାମାନଙ୍କୁ ଉଡାଜାହାଜ ସାହାଯ୍ୟରେ ପଠା ଯାଏ । ଆସନ୍ତୁ ଦେଖିବା ନୂଆପଡ଼ା ଜିଲ୍ଲା ଖଡିଆଳ ତାରାପୁର ମୁହୁରା ନଦୀ ମୁହାଣ ରେ ଥିବା ନୀଳମାଧବ ଫିଶିରୀ ରୋଛ କୁ ଇଞ୍ଜେଶନ ଦେବା ନିଆରା ଦୃଶ୍ୟ । ଭାରତରେ ୱାନେଙ୍ଗଲ ପରେ ପରେ ଓଡ଼ିଶା ବାସୀ ବହୁ ମାଛ ପ୍ରିୟ , ଖାଇବାରେ ଯଦି ମାଛ ଟିକେ ହୋଇଛି ମାନେ ଖାଇବାରେ ବହୁ ଆନନ୍ଦ ଅନୁଭୂତ ହୁଏ । ଆମ ଓଡ଼ିଶା ରେ ମାଛର ଚାହିଦା ବଢୁ ଥିବାରୁ ଆଧିକରୁ ଅଧିକ ମାଛ ଯାଆଁଳା କେନ୍ଦ୍ର ଆବସ୍ୱକ ରହିଅଛି । ନୀଳମାଧବ ମାଛ ଯାଆଁଳା କେନ୍ଦ୍ର ହେଉଛି ଘରୋଇ ମାଛ ଯାଆଁଳା କେନ୍ଦ୍ର ଏଠାରେ ଏପ୍ରିଲ ମାସରେ ବଡ଼ ବଡ଼ ମାଇଁ ଭାକୁର, ମିଟକେଲ ଓ ରୋହି ମାଛ ମାନଙ୍କୁ ପ୍ରଜନନ କରିବା ସକ୍ଷମ କରିବା ପାଇଁ



ଇଞ୍ଜେକସନ ପ୍ରୟୋଗ କରାଯାଇ ଅଣ୍ଡାରୁ ମାଛ ଆର୍ଲି ବ୍ରିଡିଂ କରି ଫିଙ୍ଗର ଲିଙ୍ଗ ହେବା ଯାଏ ଯତ୍ନ କରି ସାରିଲା ପରେ ଜୁନ ମାସରେ ଚାଷୀ ନେଇ କି ପୋଖରୀରେ ଛାଡ଼ି ଲେ କେଜିଏ ରୁ ଅଧିକ ହେବ ବୋଲି ଫିଷିରି ମାଲିକ ସୁଶାନ୍ତ କୁମାର ସାହୁ କହୁଥିଲେ । ମାଛ କୁ ପ୍ରଜନନ ସକ୍ଷମ କରିବା ଅଣ୍ଡାରୁ ଅଣ୍ଡା ଜନ୍ମାଇବା ଓ ଫିଙ୍ଗର ଲିଙ୍ଗ ପର୍ଯ୍ୟନ୍ତ ଯତ୍ନ କରିବା ଏସବୁ ବାହାର ରାଜ୍ୟ ଯାଇ ଟ୍ରେନିଂ ନେଇ ବହୁ ଜିନିଷ ଶିଖି ଏଠି ନିଜେ ସୁଶାନ୍ତ ମାଛକୁ ଇଞ୍ଜେକସନ ଦେବା ସହ ମାଛ ମାନଙ୍କର ଯତ୍ନ ନିଅନ୍ତି । ଏହି ସବୁ କାର୍ଯ୍ୟ କରିବା ପାଇଁ ସରକାରୀ ଅନୁଦାନ ପାଇକି ନିଜେ ସବାଲମ୍ବି ହେବା ସହ ସ୍ଥାନୀୟ କିଛି ଲୋକ ମାନଙ୍କୁ ବାର୍ଷିକ କର୍ମ ନିଯୁକ୍ତି ଦେଇ ପାରିଛନ୍ତି । ମାଛ ମାନଙ୍କୁ ଖାଦ୍ୟ ଦେବା ରୋଗ ରୁ ମୁକ୍ତି ଦେବା ସହ ତାଙ୍କର ସେବା କରିବା ଓ ଚାଷୀ ମାନଙ୍କୁ ସୁସ୍ଥ ମାଛ ଯାଆଁଳା ଦେବାରେ ସକ୍ଷମ ହୋଇ ପାରିଛନ୍ତି । ଏହି କେନ୍ଦ୍ର ରୁ ଚଳିତ ବର୍ଷ ୪୫ କୋଟି ମାଛ ଯାଆଁଳା ସୃଷ୍ଟିକାରୀ ରାୟପୁର ବାଟଦେଇ ମାଛ ଯାଆଁଳା ବାହାର ରାଜ୍ୟ ମାନଙ୍କୁ ଉଡ଼ାଜାହାଜର ପଠାଇ ନୂଆପଡ଼ା ଜିଲ୍ଲା ର ନା ରଖିବାରେ ସକ୍ଷମ ହୋଇଛନ୍ତି । ସୁଶାନ୍ତ ଅନେକ ଥର ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି ଏଣୁ ମାନପତ୍ର ସହ ଅନେକ ପ୍ରଶଂସାର ଅଧିକାରୀ ହୋଇ ପାରିଛନ୍ତି । ନିଜେ ଶବାଲମ୍ବି ହୋଇ ଆମ ଅଂଚଳ ପାଇଁ ଉଦାହରଣ ସୃଷ୍ଟି କରି ପାରିଛନ୍ତି । ଏଣୁ ସମସ୍ତ ଯୁବକ ଓ ଯୁବତୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ସମସ୍ତେ ଶବାଲମ୍ବି ହୁଅନ୍ତୁ ଓ ନିଜେ ଆଗକୁ ଯିବା ସହ ଦେଶକୁ ଆଗକୁ ନେବାରେ ସହଯୋଗ କରନ୍ତୁ ।

# ୮୭ ଦିନର ଅବିରତ ପଦଯାତ୍ରା : ଭକ୍ତି, ବେଦନା ଓ ଅଧିକାରର ଏକ ନୀରବ ମହାଯଜ୍ଞ

ପୁରୀ(ନି.ପ୍ର.) : ଜୟ ଶ୍ରୀଜଗନ୍ନାଥ । ପୁରୀ ସହର ଓ ସଦରବାସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଏବଂ ଦର୍ଶନ ଅଧିକାର ପାଇଁ ଚାଲିଥିବା ସଚେତନତା ପଦଯାତ୍ରା ଆଜି ୮୭ ଦିନରେ ପହଂଚିଛି । ଏହା ଆଉ କେବଳ ଏକ ଆନ୍ଦୋଳନ ନୁହେଁ; ଏହା ଭକ୍ତ ହୃଦୟର ଅକୁହା କଷ୍ଟ, ଆତ୍ମାର ଆର୍ତନାଦ ଏବଂ ଶ୍ରୀଜଗନ୍ନାଥଙ୍କ ପ୍ରତି ଅତ୍ୟୁଟ ପ୍ରେମର ଏକ ଜୀବନ୍ତ ପ୍ରତୀକ । ଗତ ଏପ୍ରିଲ ୧ ଉତ୍କଳ ଦିବସରୁ ବଳଗଣ୍ଡି ଛକ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତିଦିନ ସିଂହଦ୍ୱାର ନିକଟରେ ପହଂଚି ଏକ ନିରବ ପ୍ରଶ୍ନ କରୁଛି—'ଯିଏ ସାରା ବିଶ୍ୱର ନାଥ, ସେହି ଜଗନ୍ନାଥଙ୍କ ଦର୍ଶନରେ କି ଭକ୍ତଙ୍କ ମଧ୍ୟରେ ଭେଦଭାବ ରହିପାରେ ?' ପ୍ରତ୍ୟେକ ପଦକ୍ଷେପରେ ରହିଛି ଭକ୍ତିର ଅର୍ପଣ, ପ୍ରତ୍ୟେକ ଧ୍ୱନିରେ ରହିଛି ଆତ୍ମାର ଆକୁଳ ଡାକ । "ଜୟ ଜଗନ୍ନାଥ" ଧ୍ୱନିରେ କମ୍ପିତ ପଥରେ ମିଶିଯାଉଛି ଅନେକ



ଭକ୍ତଙ୍କ ଅଶ୍ରୁ, ଅନେକ ପରିବାରର ବେଦନା ଏବଂ ନିଜ ପ୍ରଭୁଙ୍କ ନିକଟକୁ ସହଜରେ ପହଂଚିବାର ଆକାଂକ୍ଷା । ଏହି ପଦଯାତ୍ରା ଆଜି ପୁରୀବାସୀଙ୍କ ହୃଦୟର ସ୍ପନ୍ଦନ, ଆସ୍ଥାର ଉଚ୍ଚାରଣ ଏବଂ ଅଧିକାରର ଆଧ୍ୟାତ୍ମିକ ସଂଗ୍ରାମରେ ପରିଣତ ହୋଇଛି ।ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସମତା, ସହଅସ୍ତିତ୍ୱ ଓ ସାର୍ବଜନୀନତାର ସଂସ୍କୃତି । ତାଙ୍କ ମହାପ୍ରସାଦରେ ଯେପରି ଉଚ୍ଚ-ନୀଚର ଭେଦଭାବ ନାହିଁ, ସେପରି ତାଙ୍କ ଦର୍ଶନରେ ମଧ୍ୟ କୌଣସି ବିଶେଷାଧିକାର ରହିବା ଉଚିତ ନୁହେଁ । ଭଗବାନଙ୍କ ଦ୍ୱାରରେ ଭିଆଇପି ଓ ସାଧାରଣର ଭେଦ ସୃଷ୍ଟି କରିବା ଜଗନ୍ନାଥ ସଂସ୍କୃତିର ମୂଳ ଆଦର୍ଶ ବିରୋଧୀ । ସେଥିପାଇଁ ଏହି ପଦଯାତ୍ରା କେବଳ ପ୍ରବେଶ ଅଧିକାରର ଦାବି ନୁହେଁ, ବରଂ 'ଜଗନ୍ନାଥ ସଂସ୍କୃତିର ସମତା ଓ ମାନବିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଏକ ଆଧ୍ୟାତ୍ମିକ ପ୍ରତିବାଦ' । ନାରୀ-ପୁରୁଷ, ଯୁବକ-ବୃଦ୍ଧ ସମସ୍ତଙ୍କର ସ୍ୱତଃସ୍ଫୂର୍ତ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଜନ ଆନ୍ଦୋଳନର ରୂପ ଦେଇଛି । ପ୍ରତ୍ୟେକ ମୁହଁରେ ଭକ୍ତିର ଦୀପ୍ତି, ପ୍ରତ୍ୟେକ ହୃଦୟରେ ଏକ ନୀରବ ପ୍ରାର୍ଥନା—'ପ୍ରଭୁ, ଆମକୁ ଆମର ଅଧିକାର ଫେରାଇ ଦିଅ; ତୁମ ଦ୍ୱାରରେ ସମସ୍ତଙ୍କୁ ସମାନ ସ୍ଥାନ ଦିଅ ।' ୮୭ ଦିନ ପରେ ମଧ୍ୟ ଏହି ପଦଯାତ୍ରାର ଉତ୍ସାହ କମିନାହିଁ । ପ୍ରତ୍ୟେକ ଦିନ ସହିତ ଏହା ଅଧିକ ଗଭୀର, ଅଧିକ ଶକ୍ତିଶାଳୀ ଏବଂ ଅଧିକ ଆଧ୍ୟାତ୍ମିକ ହୋଇଉଠୁଛି । ଏହା ଏକ ଏମିତି ଯାତ୍ରା, ଯେଉଁଠାରେ ଅଶ୍ରୁ ହେଉଛି ପ୍ରାର୍ଥନା, ବେଦନା ହେଉଛି ଶକ୍ତି ଏବଂ ଭକ୍ତି ହେଉଛି ଅହିଂସା ପ୍ରତିବାଦର ମାଧ୍ୟମ । ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର ,ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା,ମନୋରଞ୍ଜନ ରଣସିଂହ, ,ମମତା ସ୍ୱାଇଁ, ସରସ୍ୱତୀ ପାତ୍ର,ପ୍ରଣତି ରାୟ,ଶିବ ସୁନ୍ଦର ମିଶ୍ର,ଜାଦବା ନନ୍ଦ ରାୟ,ରାଜା ମହାନ୍ତି,ନୃସିଂହ ନାଥ ନାୟକ,ପ୍ରକାଶ ଚନ୍ଦ୍ର ନାୟକ, ଲିଂଗରାଜ ସାହୁ, ପ୍ରଫୁଲ୍ଲ ସାହୁ,ବିଶ୍ୱନାଥ ମିଶ୍ର, ଶିଶିର କାନ୍ତ ସତପଥୀ,କିଶୋର ଚନ୍ଦ୍ର ଦାସ, ଅମୂଲ୍ୟ ଦାସ, ସୁବାଷ ପଟ୍ଟନାୟକ, ସୁରେନ୍ଦ୍ର ନାଥ ରାଉତରାୟ, ପ୍ରମୁଖ ସାମିଲ ହୋଇ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ପଦଯାତ୍ରାର ଆବାହକ ଶ୍ରୀ ସ୍ୱାଧୀନ କୁମାର ପଣ୍ଡା କହିଥିଲେ ଯେ, ଏହି ଯାତ୍ରା ସେ ପର୍ଯ୍ୟନ୍ତ ଜାରି ରହିବ ଯେପର୍ଯ୍ୟନ୍ତ ପୁରୀ ସହର ଓ ସଦରବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ପୁନଃସ୍ଥାପିତ ହୋଇନାହିଁ । ଏହା କୌଣସି ବ୍ୟକ୍ତି ବା ଗୋଷ୍ଠୀ ବିରୋଧରେ ସଂଗ୍ରାମ ନୁହେଁ; ଏହା ନ୍ୟାୟ, ସମତା ଓ ଆସ୍ଥାର ସମ୍ମାନ ପାଇଁ ଏକ ଶାନ୍ତ, ଅହିଂସକ ଓ ଆଧ୍ୟାତ୍ମିକ ଅଭିଯାନ । 'ଜଗନ୍ନାଥଙ୍କ ଦ୍ୱାର ସମସ୍ତଙ୍କ ପାଇଁ । ଭକ୍ତିର କୌଣସି ଭିଆଇପି ନାହିଁ, ଆସ୍ଥାର କୌଣସି ପ୍ରୋଟୋକଲ ନାହିଁ । ପ୍ରଭୁଙ୍କ ସମ୍ମୁଖରେ ସମସ୍ତେ ସମାନ ।' 'ଜୟ ଜଗନ୍ନାଥ ।

# ଶ୍ରୀମନ୍ଦିରରେ ପହଂଚିଲା ୩୮୦ କିଲୋଗ୍ରାମର ବାସୁଙ୍ଗା ପାଟ



ପୁରୀ : ପୁରୀରେ ପହଂଚିଲା ବାସୁଙ୍ଗା ପାଟ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଗୁପ୍ତନୀତିରେ ଲାଗେ ଏହି ପାଟ । ଭୁବନେଶ୍ୱର ଶହୀଦ ନଗରସ୍ଥିତ ଓଡିଶା ସମବାୟ ଟସର ଓ ରେଶମ ମହାସଂଘ କାର୍ଯ୍ୟାଳୟ ପରିସରରୁ ୩୮୦ କିଲୋଗ୍ରାମର ବାସୁଙ୍ଗା ପାଟ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ପଠାଯାଇଛିଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ପୂଜାର୍ଚ୍ଚନା କରି ବାସୁଙ୍ଗା ପାଟ ଶ୍ରୀମନ୍ଦିର ପ୍ରଶାସନକୁ ପଠା ଯାଇଛି । ସୂଚନଯୋଗ୍ୟ, ବାସୁଙ୍ଗା ପାଟ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ପବିତ୍ର ରେଶମ ଡୋର ଯାହା ଚତୁର୍ଦ୍ଧାମୁରତୀଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ । ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା, ରାକ୍ଷୀ ଆଦି ତିଆରି କରିବାରେ ଏହାର ବ୍ୟବହାର ହୋଇଥାଏ । ୧୯୮୧ ମସିହାରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ସେରିଫେଡ୍ ବାସୁଙ୍ଗା ପାଟ ଯୋଗାଇ ଆସୁଛି । ଚଳିତବର୍ଷ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଛି ।

# ସ୍କୁଲ ବହି ତ୍ରୁଟି ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ସ୍କୁଲ ବହି ତ୍ରୁଟି ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା କମିଟି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଛି । କମିଟିର ସୁପାରିଶ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ନିଷ୍ପତି ଅନୁଯାୟୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର (ଟିଚରସ୍ ଟ୍ରେନିଂ ଆଣ୍ଡ ଏସସିଇଆରଟି ) ତତ୍କାଳୀନ ନିର୍ଦ୍ଦେଶକ ଶ୍ରୀ ମନୋଜ ପାଢ଼ୀଙ୍କ ସହିତ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ, ଓ ଭାରତୀ ଟୁଡୁଙ୍କୁ ନିଲମ୍ବିତ କରାଯାଇଛି । ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା । ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ କମିଟି ୧୪ ଟି ସୁପାରିଶ କାର୍ଯ୍ୟକାରୀ କରାଯିବ । ଏଗୁଡ଼ିକ ହେଉଛି ଏସସିଇଆରଟି ପକ୍ଷରୁ ମାଷ୍ଟର ତ୍ରୁଟି ରେଜିଷ୍ଟର ପ୍ରସ୍ତୁତ କରାଯିବ, ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ପ୍ରଧାନ କରାଯିବ, ଏସସିଇଆରଟିରେ କ୍ୱାଲିଟି ଆସ୍ୟୁରାନ୍ସ ସେଲ ଖୋଲାଯିବ ଇତ୍ୟାଦି । ଏହା ସହିତ ଭବିଷ୍ୟତରେ କୌଣସି ପାଠ୍ୟ ପୁସ୍ତକ ଭାଷା, ଚିତ୍ର, ତଥ୍ୟ ଓ ଛପା ହେବାପାଇଁ ଆବଶ୍ୟକ ଅନୁମୋଦନ ବିନା ପ୍ରିଂଟିଙ୍ଗ ପ୍ରେସ କୁ ଯିବ ନାହିଁ ।



# ଆଜିଠୁ ଦୁଇ ଦିନିଆ କର୍ଣ୍ଣାଟକ ଗସ୍ତରେ ଯିବେ ଉପ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ୨୭ ରୁ ୨୮ ଜୁନ ପର୍ଯ୍ୟନ୍ତ ଦୁଇ ଦିନିଆ କର୍ଣ୍ଣାଟକ ଗସ୍ତେର ଯିବେ । ଏହି ସମୟେର ସେ ବିଭିନ୍ନ କାର୍ଯ୍ୟକ୍ରମେର ଅଂଶଗ୍ରହଣ କରିବେ । ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଶନିବାରଠାରୁ ଦୁଇ ଦିନିଆ କର୍ଣ୍ଣାଟକ ଗସ୍ତେର ଆସିବେ ବୋଲି ଶୁକ୍ରବାର ଦିନ ଉପରାଷ୍ଟ୍ରପତିଙ୍କ ସଚିବାଳୟ ସୂଚନା ଦେଇଛି । ୨୭ ଜୁନେର ଉପରାଷ୍ଟ୍ରପତି ବେଙ୍ଗାଲୁରୁେର ନାଦପ୍ରଭୁ କେମ୍ପେଗୌଡ଼ାଙ୍କ ୫୧୭ତମ ଜୟନ୍ତୀ ସମେରାହେର ଯୋଗେଦେବ । ଏହା ବ୍ୟତୀତ



ଉପରାଷ୍ଟ୍ରପତି ରାଜୀବ ଗାନ୍ଧୀ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଆର. ଜି. ୟୁ. ଏଚ୍. ଏସ୍.) ପ୍ରତିଷ୍ଠା ଦିବସ ଏବଂ ବେଙ୍ଗାଲୁରୁେର ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ବେଆଇନ କାରବାର ବିରୁଦ୍ଧେର ଅନ୍ତର୍ଜାତୀୟ ଦିବସର ଅଂଶବିଶେଷ ଭାେବ ଆୟୋଜିତ 'ନଶା ମୁକ୍ତ ଭାରତ 'ସମ୍ମିଳନେୀର ଅଂଶଗ୍ରହଣ କରିବେ ।

# ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : 'ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ । ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏକ ନୂତନ 'ଚଳଚ୍ଚିତ୍ର ନୀତି' ପ୍ରଣୟନ କରିବାକୁ ଯାଉଛନ୍ତି,' ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଂଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଓଡ଼ିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବ୍‌ଶୀଘ୍ର ଏକ ଶୁଭ ଖବର ମିଳିବ । ଓଡ଼ିଆ ସିନେମାର ସମୃଦ୍ଧ ଇତିହାସ ଏବଂ ଏହାର ଆରମ୍ଭକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କରିବା ସହ ସେହି ବର୍ଷ ହିଁ ମହାନ ରାସ-ସ୍ରଷ୍ଟା ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମାଣ ହେବା ଏକ ଅପୂର୍ବ ସଂଯୋଗ । ଅତୀତରେ 'ମାୟା ମିରିଗ', 'ଭୁକା', 'ଶେଷ




ଶ୍ରାବଣ' ଏବଂ 'ହାକିମ ବାବୁ' ଭଳି କାଳଜୟୀ ସିନେମା ଓଡ଼ିଆ ମାଟିର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଂଚାଇଥିଲା । ସାମ୍ପ୍ରତିକ ସମୟରେ 'ଦମନ', 'ପ୍ରତୀକ୍ଷା', 'ଶଳା ବୁଢ଼ା', 'ପୁଷ୍କରା', 'ବୋଉ ବୁଟୁ ଭୂତ' ଏବଂ 'ବର ବଧୂ' ଭଳି ଚଳଚ୍ଚିତ୍ରଗୁଡ଼ିକ ଆମ ମାଟିର ମୌଳିକ କାହାଣୀକୁ ନେଇ ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପୁଣି ଏକ ନୂତନ ପରିଚୟ ଦେଇଛନ୍ତି, ଯାହା ଓଡ଼ିଆ ସିନେମାର ଏକ ନୂତନ ସୂର୍ଯ୍ୟୋଦୟ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି । ବର୍ତ୍ତମାନର ବୈଷୟିକ ଯୁଗ ଓ ଓଟିଟି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ନୂତନ ପିଢ଼ି ସିନେମାଟୋଗ୍ରାଫି, ସାଉଣ୍ଡ ଡିଜାଇନିଂ ଏବଂ ଠରଢ କ୍ଷେତ୍ରରେ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଆପଣେଇଛନ୍ତି । ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଯୋଗାଇଦେବା ସହ କଳିଙ୍ଗ ଷ୍ଟୁଡ଼ିଓକୁ ଦେଶର ଏକ ପ୍ରମୁଖ ଡିଜିଟାଲ୍ ଏବଂ ପୋଷ୍ଟ-ପ୍ରଡକ୍ସନ ହବ୍‌ରେ ପରିଣତ କରାଯାଉଛି, ଯେପରି ଆମ ପିଢ଼ିକୁ କାମ ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ । ଏଥିସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ସିନେମା ଟୁରିଜିମ୍‌ର ବିକାଶ କରିବାକୁ ସେ ଦେଶ ଓ ରାଜ୍ୟର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଆହ୍ୱାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଉଭୟ ପ୍ରଯୋଜକ ଓ ଦର୍ଶକମାନଙ୍କୁ ଓଡ଼ିଆ ସିନେମାର ପୃଷ୍ଠପୋଷକତା ସାଜିବାକୁ ଅନୁରୋଧ କରିଛନ୍ତି । ପ୍ରଯୋଜକମାନେ ଆଧୁନିକତା ସହ ଓଡ଼ିଆ ସମାଜ ଓ ସଂସ୍କୃତିର ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କଲେ ଦର୍ଶକ ନିଶ୍ଚିତ ଥିଏଟରକୁ ଫେରିବେ । ସେହିପରି ଦର୍ଶକମାନଙ୍କୁ ସିନେମା ହଲ୍‌କୁ ଯାଇ ଓଡ଼ିଆ ଫିଲ୍ମ ଦେଖିବାକୁ ଅନୁରୋଧ କରି ସେ କହିଛନ୍ତି ଯେ, ଗୋଟିଏ ଚଳଚ୍ଚିତ୍ର ପଛରେ ଶହ ଶହ ପରିଚୟହୀନ ଟେକନିସିଆନ, ଲେଖକ ଓ ଗରିବ ଶ୍ରମିକଙ୍କ ଜୀବିକା ଜଡ଼ିତ ଥାଏ । ସେ ଆହୁରି କହିଛନ୍ତି ଯେ ଓଡ଼ିଆ ସିନେମାରେ ଓଡ଼ିଆତ୍ୱ ଅଛି । ଆମେ ସମସ୍ତେ ଟିମ୍ ଓଡ଼ିଶା ହୋଇ କାମ କରିବା । ଆମ ପାଖରେ ଅର୍ଥର କୌଣସି ଅସୁବିଧା ନାହିଁ । ଆମ ସରକାର ଆପଣଙ୍କ ମତାମତକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ କହିଥିଲେ ଯେ ଓଡ଼ିଆ ଫିଲ୍ମ ସିନେମା ହଲରୁ ବାହାର କରି ଯଦି ଆଉ କୌଣସି ସିନେମାକୁ ପ୍ରଚାର କରାଯାଏ ତେବେ ସରକାରୀ ସ୍ତରରେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ।

# ପାରାଦ୍ୱୀପ ପୌରାଂଚଳର ବିଭିନ୍ନ ପ୍ରଗତିମୂଳକ ପ୍ରକଳ୍ପର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ପାରାଦ୍ୱୀପ/ଭୁବନେଶ୍ୱର : ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଶୁକ୍ରବାର ପାରାଦ୍ୱୀପ ପୌରପାଳିକା ଗସ୍ତ କରି ସହରରେ



କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଭିତିଭୂମି ବିକାଶ ଓ ଜନକଲ୍ୟାଣମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଥିଲେ । ସହରର ବିକାଶ ଗତିକୁ ଆହୁରି ତ୍ୱରାନ୍ୱିତ କରିବା ସହ ନାଗରିକ ସେବାର ମାନ ବୃଦ୍ଧି କରିବା ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଗସ୍ତ ଅବସରରେ ଶ୍ରୀମତୀ ପାଢ଼ୀ ସହରର ବର୍ଜ୍ୟବସ୍ତୁ ବ୍ୟବସ୍ଥାପନ କେନ୍ଦ୍ର ପରିଦର୍ଶନ କରି କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା, ଆବର୍ଜନା ପ୍ରକ୍ରିୟାକରଣ ଏବଂ ପରିବେଶ ଅନୁକୂଳ ପରିଚାଳନା ପଦ୍ଧତିର ସମୀକ୍ଷା କରିଥିଲେ । ସହରକୁ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପରିବେଶ ସମ୍ପନ୍ନ କରିବା ଲକ୍ଷ୍ୟରେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ସର୍ବାଧିକ ଉପଯୋଗ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ସେ ପାରାଦ୍ୱୀପରେ ପ୍ରସ୍ତାବିତ କନଭେନସନ ସେଂଟରର ସ୍ଥଳ ପରିଦର୍ଶନ କରି ପ୍ରକଳ୍ପର ରୂପରେଖ, ଭିତିଭୂମି ସୁବିଧା ଏବଂ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ସମୀକ୍ଷା କରିଥିଲେ । ପ୍ରକଳ୍ପଟିକୁ ଗୁଣାତ୍ମକ ମାନ ବଜାୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଗସ୍ତର ଏକ ବିଶେଷ ଦିଗ ଥିଲା ଶ୍ରୀମତୀ ପାଢ଼ୀଙ୍କ ଆହାର କେନ୍ଦ୍ର ପରିଦର୍ଶନ । ସେ କେନ୍ଦ୍ରରେ ସାଧାରଣ ଲୋକଙ୍କ ସହ ମଧ୍ୟାହ୍ନ ଭୋଜନ କରି ଖାଦ୍ୟର ଗୁଣବତା, ପରିବେଷଣ ବ୍ୟବସ୍ଥା, ପରିମଳ ଓ ସ୍ୱଚ୍ଛତାକୁ ନିଜେ ଅନୁଧ୍ୟାନ କରିଥିଲେ ।

# ଟିଟିଲାଗଡ଼-ମୁନିଗୁଡ଼ା ସେକ୍ସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର : ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ଟିଟିଲାଗଡ-ମୁନିଗୁଡ଼ା ସେକ୍ସନକୁ ବିସ୍ତୃତ ଭାବେ ନିରୀକ୍ଷଣ କରିଛନ୍ତି । ଏହି ନିରୀକ୍ଷଣ ସମୟରେ ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା । ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତିଭୂମି



ପ୍ରକଳ୍ପର ଅଗ୍ରଗତି ଉପରେ ମଧ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି । ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲଟିଂ ଏରିଆ ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ ।ଏଥିସହ ସମଗ୍ର ନେଟୱାର୍କରେ ଯାତ୍ରୀଙ୍କ ଅନୁଭୂତିକୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଚାଲିଥିବା ଷ୍ଟେସନ ପୁନଃବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ସେ ବିଶେଷ ଧ୍ୟାନ ଦେଇଥିଲେ । ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣବତାରେ ଉନ୍ନତି ଆଣିବା ଦିଗରେ ଏହି ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ମହତ୍ୱକୁ ରେଖାଙ୍କିତ କରି ମହାପ୍ରବନ୍ଧକ ଏଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମହାପ୍ରବନ୍ଧକଙ୍କ ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ପ୍ରକଳ୍ପ ସମୟସୀମା ଏବଂ ନିରାପତା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନାରେ ସହଯୋଗ କରିଥିଲେ ।

# ସ୍ୱାସ୍ଥ୍ୟ କ୍ଷେତ୍ରରେ ଜନ ବିଶ୍ୱାସ ସଂସ୍କାରର ଶୁଭାରମ୍ଭ

ନୂଆଦିଲ୍ଲୀ : ଭାରତ ସରକାର 'ଜନ ବିଶ୍ୱାସ ଅଧିନିୟମ, ୨୦୨୬' ଅଧୀନରେ 'ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଆଇନ, ୧୯୪୦' ଏବଂ 'ଖାଦ୍ୟ ସୁରକ୍ଷା ଓ ମାନକ ଆଇନ, ୨୦୦୬' ସହ ଜଡ଼ିତ କେତେକ ପ୍ରମୁଖ ସଂସ୍କାରକୁ କାର୍ଯ୍ୟକାରୀ କରିଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱାସ ଆଧାରିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ବ୍ୟବସାୟ ପାଇଁ ନିୟମ ଅନୁପାଳନର ବୋଝକୁ ହ୍ରାସ କରିବା ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ସହିତ କୌଣସି ବୁଝାମଣା ନକରି ଉପଯୁକ୍ତ ନିୟାମକ ପ୍ରବର୍ତନ ସୁନିଶ୍ଚିତ କରିବା । ଏହି ସଂଶୋଧନଗୁଡ଼ିକ ମାଧ୍ୟମରେ କେତେକ ସାଧାରଣ ତଥା ବୈଷୟିକ ନିୟମ ଉଲ୍ଲଙ୍ଘନକୁ ଅପରାଧମୁକ୍ତ କରିବା ଏବଂ ଅପରାଧିକ ମାମଲା ବଦଳରେ ପ୍ରଶାସନିକ ଜରିମାନା ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ବ୍ୟବସାୟ କରିବା

Ministry of Health & Family Welfare
Government of India

ପ୍ରକ୍ରିୟା ସହଜ ହେବା ସହ ନିୟାମକ ଦକ୍ଷତା ବୃଦ୍ଧି ପାଇବ । ତେବେ ଜନସ୍ୱାସ୍ଥ୍ୟ ଏବଂ ଗ୍ରାହକ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଅପରାଧଗୁଡ଼ିକ ବିରୋଧରେ କଠୋର ଆଇନଗତ ବ୍ୟବସ୍ଥା ପୂର୍ବଭଳି ବଳବତର ରହିଛି । ଏହି ସଂସ୍କାରର ଏକ ଅଂଶ ସ୍ୱରୂପ, 'ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଆଇନ, ୧୯୪୦'ର ଧାରା ୨୯କୁ ଉଠାଇ ଦିଆଯାଇଛି । ଏହି ଧାରା ଅନୁଯାୟୀ, କୌଣସି ଔଷଧ କିମ୍ବା ପ୍ରସାଧନ ସାମଗ୍ରୀର ବିଜ୍ଞାପନ ପାଇଁ ସରକାରୀ ବିଶ୍ଳେଷକଙ୍କ ରିପୋର୍ଟ ବ୍ୟବହାର କଲେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ଥିଲା । ଏହା ସହିତ, କମ୍ ବିପଦପୂର୍ଣ୍ଣ ପ୍ରସାଧନ ସାମଗ୍ରୀର ଉତ୍ପାଦନ କିମ୍ବା ବିକ୍ରି ସହ ଜଡ଼ିତ ନିୟମ ଉଲ୍ଲଙ୍ଘନକୁ ଏକ ପ୍ରଶାସନିକ ଜରିମାନା ବ୍ୟବସ୍ଥା ଅଧୀନକୁ ଅଣାଯାଇଛି । ଏଥିରେ ସେହିଭଳି ମାମଲାଗୁଡ଼ିକ ଅନ୍ତର୍ଭୁକ୍ତ, ଯେଉଁଠାରେ କୌଣସି ପ୍ରସାଧନ ସାମଗ୍ରୀ ସାଧାରଣ ଗୁଣବତା ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥାଏ କିମ୍ବା ସେଥିରେ ଲେବଲିଂ ସମ୍ବନ୍ଧୀୟ କିଛି ତ୍ରୁଟି ଓ ଅଭାବ ଥାଏ । ତେବେ, ସିଧାସଳଖ ଗ୍ରାହକଙ୍କ ସୁରକ୍ଷାକୁ ପ୍ରଭାବିତ କରୁଥିବା ନକଲି କିମ୍ବା ଅପମିଶ୍ରିତ ପ୍ରସାଧନ ସାମଗ୍ରୀ ସହ ଜଡ଼ିତ ଅପରାଧ ନିମନ୍ତେ ପୂର୍ବଭଳି କଠୋର ଦଣ୍ଡବିଧାନ ବ୍ୟବସ୍ଥା ଜାରି ରହିବ । ଏହି ସଂଶୋଧନଗୁଡ଼ିକ ମାଧ୍ୟମରେ ଧାରା ୨୮'କ' ଅଧୀନରେ ହେଉଥିବା ନିୟମ ଉଲ୍ଲଂଘନକୁ ମଧ୍ୟ ପ୍ରଶାସନିକ ଜରିମାନା ଅଧିନକୁ ଅଣାଯାଇଛି ।

# ଭାରତ-ଆୟର୍ଲାଣ୍ଡ ପ୍ରଥମ ଟି-୨୦ : ଟିମ୍ ଇଣ୍ଡିଆକୁ ମିଳିଲା ୧୮୩ ରନ୍‌ର ଟାର୍ଗେଟ

ମୁମ୍ବାଇ: ବିଜୟରୁ ନିଜ କ୍ୟାପଟେନ୍ସି କ୍ୟାରିୟର ଆରମ୍ଭ କରିବା ପାଇଁ ଶ୍ରେୟସ ଆୟରଙ୍କ ଟିମ ଇଣ୍ଡିଆକୁ ମିଳିଛି ୧୮୩ ରନର ଟାର୍ଗେଟ । ଆୟର୍ଲ୍ୟାଣ୍ଡ ଅଧିନାୟକ ଲୋରକାନ ଟକରଙ୍କ ୫୦ ଓ ଶେଷ ଭାଗରେ ଗାରେଥ ଡେଲାନୀ ବିସ୍ଫୋରକ ୪୯ ରନ ବଳରେ ନିର୍ଦ୍ଧାରିତ ୨୦ ଓଭରରରେ ୯ ୱିକେଟ ହରାଇ ୧୮୨ ରନ କରିଛି । ଏବେ ଦୁଇଟିକିଆ ସିରିଜର ପ୍ରଥମ ମ୍ୟାଚ ଜିତିବାରୁ ଭାରତକୁ ୧୮୩ ରନର ଟାର୍ଗେଟ ମିଳିଛି । ଟସ୍ ଜିତି ପ୍ରଥମେ ବୋଲିଂ କରୁଥିବା ଭାରତକୁ ପାୱାର ପ୍ଲେରେ ୩ଟି ୱିକେଟ ମିଳିଥିଲା । ହର୍ଷିତ ରାଣା ୨ଟି ଓ ଅର୍ଶଦୀପ ସିଂହ ଗୋଟିଏ ସଫଳତା ପାଇଥିଲେ । ଏହାପରେ କିନ୍ତୁ ଟକର ସ୍ଥିତି ସମ୍ଭାଳି କାଉଂଟର ଆଟାକ କରିଥିଲେ । ଅବଶ୍ୟ ଶିବମ ଦୁବେ ଗୋଟିଏ ୱିକେଟ ନେଇଥିଲେ । କିନ୍ତୁ ପ୍ରସିଦ୍ଧ କ୍ରିଷ୍ଣା, ଅକ୍ଷର ପଟେଲ ଓ ୱାଶିଂଟନ



ସୁନ୍ଦର ପ୍ରବଳ ରନ ଖର୍ଚ୍ଚ କରିଛନ୍ତି । ଡେଲାନୀ ଓ ଟକର ୫ମ ୱିକେଟ ପାଇଁ ଦଳୀୟ ସ୍କୋରକୁ ୫୧ରୁ ନେଇ ୧୧୫ରେ ପହଂଚାଇ ଦେଇଥିଲେ । ଟକର ମଧ୍ୟ ୩୫ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । କିନ୍ତୁ ହର୍ଷିତ ରାଣା ନିଜ ଦ୍ୱିତୀୟ ସ୍ପେଲରେ ତାଙ୍କୁ ଆଉଟ କରି ଭାରତକୁ ୫ମ ସଫଳତା ଦେଇଥିଲା । ୧୫ ଓଭର ସୁଦ୍ଧା ଆୟର୍ଲ୍ୟାଣ୍ଡର ସ୍କୋର ୧୧୮ ରହିଥିଲା । କିନ୍ତୁ ୱାଶିଂଟନ ସୁନ୍ଦର ୧୬ତମ ଓଭରରେ ୧୯ ରନ ଖର୍ଚ୍ଚ କରିଥିଲେ । ୧୯ତମ ଓଭର ବୋଲିଂ କରିବାକୁ ଆସିଥିଲେ ଅର୍ଶଦୀପ ସିଂହ । ସେ ୧୦ ରନ ଦେବା ସହ ୪୯ ରନ କରିଥିବା ଡେଲାନୀଙ୍କୁ ଆଉଟ କରିଥିଲେ । ୧୯ ଓଭର ଶେଷ ସୁଦ୍ଧା ଆୟର୍ଲ୍ୟାଣ୍ଡର ସ୍କୋର ୧୭୮/୭ ରହିଥିଲା । ଶେଷ ଓଭରର ପ୍ରଥମ ବଲରେ ଅକ୍ଷର ପଟେଲ ପୁଣି ଗୋଟିଏ ୱିକେଟ ନେଇଥିଲେ । ସେହିପରି ଶେଷ ବଲରେ ଆୟର୍ଲ୍ୟାଣ୍ଡ ରନ ଆଉଟ ରୂପରେ ଆଉ ଗୋଟିଏ ୱିକେଟ ହରାଇଥିଲା । ଏହି ଓଭରରେ ଆୟର୍ଲ୍ୟାଣ୍ଡ କେବଳ ୪ ରନ ହାସଲ କରିପାରିଥିଲା । ଆୟର୍ଲ୍ୟାଣ୍ଡ ୨୦ ଓଭରରେ ୯ ୱିକେଟ ହରାଇ ୧୮୨ ରନ କରିବାରୁ ଏବେ ଭାରତକୁ ୧୮୩ ରନର ଟାର୍ଗେଟ ମିଳିଛି ।

# ୟୁଏସ୍ ଓପନ୍ ବ୍ୟାଡ୍‌ମିଂଟନ୍: ଚୋଉ ଟିଏଡ୍ ଚେନ୍‌ଙ୍କୁ ହରାଇଲେ ରୌନକ ଚୌହାନ



ନୂଆଦିଲ୍ଲୀ : ଭାରତର ରୌନକ ଚୌହାନ ଚଳିତ ୟୁଏସ୍ ଓପନ୍ ବ୍ୟାଡ୍‌ମିଂଟନ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି । ଶୁକ୍ରବାର ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ବିଶ୍ୱ କନିଷ୍ଠ ପ୍ରତିଯୋଗିତା କାଂସ୍ୟ ବିଜେତା ତଥା ବିଶ୍ୱର ୮୦ ନମ୍ବର ଖେଳାଳି ରୌନକ ୨୧-୧୭, ୨୬-୨୪ରେ ବିଶ୍ୱର ୬ ନମ୍ବର ତଥା ଶୀର୍ଷ ମାନ୍ୟତାପ୍ରାପ୍ତ ଚାଇନିଜ୍ ତାଇପେର ଚୋଉ ଟିଏଡ୍ ଚେନ୍‌ଙ୍କୁ ହରାଇ ବିଦାୟ ରାସ୍ତା ଦେଖାଇଛନ୍ତି । ୧୮ ବର୍ଷୀୟ ରୌନକ କ୍ୱାର୍ଟରଫାଇନାଲ୍‌ରେ ଇସ୍ରାଏଲ୍‌ମିଶା ଜିବେରମାନ୍‌ଙ୍କୁ ଭେଟିବେ । ଅନ୍ୟଏକ ପୁରୁଷ ଏକକ ମୁକାବିଲାରେ କିଦାମ୍ବି ଶ୍ରୀକାନ୍ତ ୨୧-୧୪, ୨୧-୧୩ରେ ମାଲେସିଆର ଲି ଜ ଜିଆଙ୍କୁ ମାତ୍‌ଦେଇ କ୍ୱାର୍ଟରରେ ପହଂଚିଛନ୍ତି । ସେହିଭଳି ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ କନିଷ୍ଠ ବିଶ୍ୱ ରୌପ୍ୟ ବିଜୟିନୀ ତନ୍ୱୀ ଶର୍ମା, ରକ୍ଷିତା ଶ୍ରୀ, ଦେବିକା ସିହାଗ ପ୍ରବେଶ କରିଛନ୍ତି । ପଂଚମ ମାନ୍ୟତାପ୍ରାପ୍ତ ତନ୍ୱୀ ଓ ରକ୍ଷିତା ଯଥାକ୍ରମେ ଚାଇନିଜ୍ ତାଇପେର ଟୁଙ୍ଗ ଚିଉ ଟୋଙ୍ଗଙ୍କୁ ୨୧-୧୨, ୨୧-୧୯ରେ ଏବଂ ଚେନ୍ ସୁ ୟୁଙ୍କୁ ୨୧-୪, ୨୧-୧୯ରେ ହରାଇଛନ୍ତି । ଷଷ୍ଠ ମାନ୍ୟତାପ୍ରାପ୍ତ ଦେବୀକା ୨୧-୧୭, ୨୧-୧୯ରେ ଥାଇଲାଣ୍ଡର ତୋନରୁଗ ସାଏହେଙ୍ଗଙ୍କୁ ପରାସ୍ତ କରିଛନ୍ତି ।

# ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୦ ମିଟରରେ ଅନିମେଶଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର : କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଜାତୀୟ ଅନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ପୁରୁଷ ୨୦୦ ମିଟରରେ ଓଡ଼ିଶାକୁ ୨ଟି ପଦକ ମିଳିଛି । ଅନିମେଶ କୁଜୁର ୨୦୦ ମିଟରରେ ସ୍ୱର୍ଣ୍ଣ ଜିତିବା ସହ ଆଗାମୀ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ହାସଲ କରିଛନ୍ତି । ସେ ନିର୍ଦ୍ଧାରିତ ଦୂରତାକୁ ୨୦.୭୪ ସେକେଣ୍ଡ ନେଇଥିଲେ । ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଟାଇମିଂ ରହିଛି ୨୦.୮୮ ସେକେଣ୍ଡ । ଡିଏମ୍ ଜୟରାମ ୨୦.୯୭ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଥିଲେ । ମହିଳା ପୋଲଭଲ୍ଟରେ କର୍ଣ୍ଣାଟକର ସିନ୍ଧୁଶ୍ରୀ ୪.୨୫ ମିଟର ସହ ନୂଆ ଜାତୀୟ ରେକର୍ଡ (୪.୨୩ ମିଟର) ଓ ମିଟ୍ ରେକର୍ଡ କରିବା ସହ ଏସୀୟ କ୍ରୀଡ଼ାକୁ (୪.୧୦ ମିଟର) ଯୋଗ୍ୟତା ହାସଲ କରିଛନ୍ତି । ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବ ବାରନିକା ଏଲନଗୋଭାନ (୪.୨୦ ମିଟର), ନିତିକା ଅକାରେ (୪.୧୦ ମିଟର) ଏସୀୟ କ୍ରୀଡ଼ା



ଟିକେଟ୍ ହାସଲ କରିଛନ୍ତି । ପୁରୁଷ ହାଫ୍ ମାରାଥନରେ ତାମିଲନାଡୁର ସେରଭିନ (୧:୩୧:୪୯.୦୦ ) ସ୍ୱର୍ଣ୍ଣ ଜିତିଥିଲେ । ପୁରୁଷ ଡିସ୍କସ ଥ୍ରୋରେ କିରପାଲ ସ(୫୭.୩୭ ମିଟର) ସ୍ୱର୍ଣ୍ଣ ପଦକ ପାଇଥିଲେ । ମହିଳା ସଟପୁଟରେ ପ୍ରଥମରୁ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଏସିଆଡ୍ ଟିକେଟ୍ (୧୬.୨୫ ମିଟର) ପାଇଛନ୍ତି । ମନପ୍ରୀତ କୌର (୧୭.୭୫ ମିଟର), କ୍ରିଷ୍ଟା ଜୟ ଶଙ୍କର (୧୬.୯୬ ମିଟର) ଓ ସ୍ରିଷ୍ଟି ଭିଜ (୧୬.୯୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ । ମହିଳା ୮୦୦ ମିଟରରେ ପ୍ରଥମରୁ ତୃତୀୟ ସ୍ଥାନ ହାସଲ କରିଥିବା ଗୋମତୀ ଜୟରାମନ, ପୂଜା ଓ ଲିଲି ଦାସ ଏସୀୟ କ୍ରୀଡ଼ାକୁ ( ୨:୦୫.୨୧) ଯୋଗ୍ୟତା ହାସଲ କରିଛନ୍ତି । ପୁରୁଷ ୮୦୦ ମିଟରରେ ମହମ୍ମଦ ଅଫଜଲ ୧:୪୮.୫୭ ସେକେଣ୍ଡ ସହ ସ୍ୱର୍ଣ୍ଣ ଜିତି ଏସିଆଡ୍ ଟିକେଟ୍ ( ୧:୪୮.୮୦) ପାଇଛନ୍ତି । ମହିଳା ୨୦୦ ମିଟରରେ ଏସିଆଡ୍ ଯୋଗ୍ୟତା ଟାଇମିଂ ରହିଛି ୨୩.୭୦ ସେକେଣ୍ଡ । ହରିତା ଭଦ୍ରା (୨୩.୧୪ ସେକେଣ୍ଡ), ଉନ୍ନତି ବଳନ୍ଦା (୨୩.୪୦ ସେକେଣ୍ଡ) ଓ ପ୍ରକୃତି ରୁପା ରାଓ (୨୩.୫୮ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତି ଏସିଆଡ୍ ଯୋଗ୍ୟତା ଲାଭ କରିଛନ୍ତି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**